

ଶୋଭାଯାତ୍ରାରେ ଭୁବନ ମହିଳା କଲେଜ ଛାତ୍ରୀ ଓ କର୍ମଚାରୀମାନେ।

# ତ୍ରିରଙ୍ଗା ଧରି ଶୋଭାଯାତ୍ରା

**ଭୁବନ, ୧୩।୮(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ମହିଳା କଲେଜ ପକ୍ଷରୁ ଶନିବାର 'ତ୍ରିରଙ୍ଗା ପଦଯାତ୍ରା' ଅନୁଷ୍ଠିତ ହୋଇଯାଇଛି। ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ, କଲେଜର କର୍ମଚାରୀ ଦେଶାତ୍ମବୋଧକ ନାରାଦେଇ ସହର ପରିକ୍ରମା କରିଥିଲେ। ଅଧ୍ୟକ୍ଷ ଦିଲୀପ କୁମାର ଦାସ, ସୁରେନ୍ଦ୍ର ପୋଥାଲଙ୍କ ନେତୃତ୍ୱରେ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ। ଭାରତ ମାତା କୀ ଜୟ, ହର ଘର ତ୍ରିରଙ୍ଗା ସ୍ଲୋଗାନରେ ପରିବେଶ କମ୍ପି ଉଠିଥିଲା। ସେହିପରି ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ନୃତ୍ୟ, ସଙ୍ଗୀତ, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଙ୍କୁ ସ୍ୱାଧୀନତା ଦିବସରେ ପୁରସ୍କୃତ କରାଯିବ ବୋଲି କଲେଜ ଅଧ୍ୟକ୍ଷ କହିଛନ୍ତି। 'ମୋ କଲେଜ' ସଂଯୋଜକ ତଥା ସଂସ୍କୃତ ଅଧ୍ୟାପକ ନିରଞ୍ଜନ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ଭୁବନ ଏନଏସି ପକ୍ଷରୁ ସହରବାସୀଙ୍କୁ ଆଜାଦୀ କା ଅମୃତ ମହୋତ୍ସବ ପାଳନ ବିଷୟରେ ସଚେତନ କରାଯାଇଛି। ନଗରପାଳ ଶୁଭେନ୍ଦୁ କୁମାର ସାହୁ, ଏନ୍ଏସି କାର୍ଯ୍ୟାଳୟର କର୍ମଚାରୀ, ବୁଦ୍ଧିଜୀବୀ, ସାମାଜିକ କର୍ମୀ, ସ୍ୱଚ୍ଛସାଥୀ, ଏସ୍ଏଚ୍ଜି ସଦସ୍ୟ ସାମିଲ ହୋଇ ୫,୦୦୦ ଜାତୀୟ ପତାକା ବାଣ୍ଟିଥିଲେ।

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ମୃତ

**କାମାକ୍ଷାନଗର, ୧୩।୮(ଡି.ଏନ୍.ଏ.):** କାମାକ୍ଷାନଗର ଥାନା ଗୋରଡ଼ିଆ ଗ୍ରାମରେ ସାପ କାମୁଡ଼ାରେ ଶନିବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଯତୀନ ସାମଲଙ୍କ ସ୍ତ୍ରୀ ମିନାକ୍ଷୀ (୩୮)। ଘରେ ଶୋଇଥିବାବେଳେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିରାଳ ପରେ କାମାକ୍ଷାନଗର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। କାମାକ୍ଷାନଗର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏହି ଘଟଣା ଗ୍ରାମରେ ଶୋକର ଛାୟା ଖେଳାଇ ଦେଇଛି।

### ଦେଶପ୍ରେମରେ ଉଦ୍‌ବୁଦ୍ଧ ହେଲେ ପିଲାଏ

**ଢେଙ୍କାନାଳ ଅଫିସ, ୧୩।୮:** ଢେଙ୍କନାଳ ଜିଲା ଓଡ଼ାପଡ଼ା ବ୍ଲକ ଓପିଏସ୍ କଲେଜରେ ଆଜାଦୀ କା ଅମୃତ ମହୋତ୍ସବ ଶନିବାର ପାଳିତ ହୋଇଯାଇଛି। ଏନ୍ଏସ୍ଏସ୍, ଏନ୍ସିସି, ମୋ କଲେଜ ଅଭିଯାନ, ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକମାନେ ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇ ଦେଶପ୍ରେମରେ ଉଦ୍‌ବୁଦ୍ଧ ହୋଇଥିଲେ। ଡ. ଦେବାନନ୍ଦ ଦାସ, ଡ. ଶମ୍ଭୁପ୍ରସାଦ ପ୍ରଧାନ, ପ୍ରାଧାପକ କପିଳ ଚରଣ ମହାନ୍ତି, ଡ. ତପନ କୁମାର ପଣ୍ଡା ସ୍ୱାଧୀନତାର ମହତ୍ତ୍ୱ ସମ୍ପର୍କରେ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଙ୍ଗୀତ, ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ସ୍ୱାଧୀନତା ଦିବସରେ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି। ଅଧାପକ ମନୋଜ ରାଉତ, ମଣିନ୍ଦ୍ର ନନ୍ଦ, ପ୍ରଣବ ହୋତା, ଦିଲୀପ ପୃଷ୍ଟି, ଶିଶିର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଡ଼ମ୍ବରରେ ହେବ ଆବାହନ

- ଗଣପର୍ବ ଗଣେଶ ପୂଜା ପାଇଁ ଚଳଚଞ୍ଚଳ ଭୁବନ
- ୧୨ ବର୍ଷ ପୂର୍ତ୍ତି ପାଳିବେ ୪ କ୍ଲବ
- ୫ ଦିନ ଅସ୍ଥାୟୀ ମଣ୍ଡପରେ ଚାଲିବ ପୂଜାର୍ଚ୍ଚନା
- ୨ଦିନ ମେଳଣ ପଡ଼ିଆରେ ସାଂସ୍କୃତିକ ମହୋତ୍ସବ

**(ବିପିନ ବିହାରୀ ସେଠୀ)**
**ଭୁବନ, ୧୩।୮**

ବିରାଜିବେ ବିଦ୍ୟାଦାତା। ଆରମ୍ଭ ହେବ ପାର୍ବଣ। ପୁଲକିତ ହେବ ଧରା। ଗଜାନନଙ୍କ ଆବାହନ ପାଇଁ ସବୁଠି ଚଳଚଞ୍ଚଳ ପରିବେଶ। ସଜ ହେଲାଣି ଅସ୍ଥାୟୀ ମଣ୍ଡପ। ଚାଲିଛି ମୁଖ୍ୟ ବିଗ୍ରହଙ୍କ ସହ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତି ନିର୍ମାଣ। ଏସବୁକୁ ନେଇ ଚଳଚଞ୍ଚଳ ହୋଇଉଠିଛି ପରମ୍ପରା, ସଂସ୍କୃତିରେ ସମୃଦ୍ଧ ଭୁବନ ସହର। ଚଳିତବର୍ଷ ମୋଟ୍ ୨୩ଟି ମେଢ ହେବ। ଆସନ୍ତା ୩୧ ତାରିଖରୁ ୫ଦିନ ଧରି ମଣ୍ଡପରେ ପୂଜାର୍ଚ୍ଚନା କରାଯିବ। ୫ ଏବଂ ୬ ତାରିଖରେ ମେଳଣ ପଡ଼ିଆରେ ସମସ୍ତ ମେଢ ଏକାଠି ହେବେ। ସେଠାରେ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୭ ତାରିଖରେ ପାର୍ବତୀନନ୍ଦନଙ୍କୁ ମେଲାଣି ଦେବେ ସହରବାସୀ। ସେହିପରି ୪ଟି କ୍ଲବର ୧୨ ବର୍ଷ ପୂର୍ତ୍ତି ହେଉଥିବାରୁ ଚକ୍ଷୁଦାନ ଶିବିର, ଦରିଦ୍ର ନାରାୟଣ ସେବା, ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆଦି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରହିଥିବା ମେଳଣ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

କରୋନା ପାଇଁ ୨ବର୍ଷ ହେଲା ଫିକା ପଡ଼ିଥିଲା ଭୁବନର ଗଣପର୍ବ ଗଣପତି ପୂଜା। କେତେକ ସ୍ଥାନରେ କେବଳ ପ୍ରତୀକାତ୍ମକ ଭାବେ ଠାକୁରଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। କଟକଣା କୋହଳ ହେବା ପରେ ଚଳିତବର୍ଷ ଆଡମ୍ବର ସହକାରେ ପୂଜା ମହୋତ୍ସବ ଆୟୋଜନ କରାଯିବାକୁ ପ୍ରସ୍ତୁତି ଆଗେଇ ଚାଲିଛି। ମୋଟ ୨୩ ପୂଜା ପ୍ରତିଷ୍ଠାନ ମଧ୍ୟରୁ ଡାଇନାମିକ୍ କ୍ଲବ, ନାଇସ୍ କ୍ଲବ, ଗଣପତ୍ କ୍ଲବ, ସିଂଘମ୍ କ୍ଲବ ୧୨ ବର୍ଷ ପୂର୍ତ୍ତି ପାଳିବେ। କଲେଜ ବାଇପାସ୍‌ଠାରୁ କୋର୍ଟ ଛକ ଯାଏ କ୍ରମାନ୍ୱୟରେ ମେଢ ହେବ। ପୂଜାକୁ ମାତ୍ର ଦୁଇସପ୍ତାହ ବାକି ରହିଥିବାବେଳେ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ସପ୍ତାହେ ତଳୁ ଆରମ୍ଭ ହେଲାଣି। କଟକ, ଭୁବନେଶ୍ୱର, ଜଗତ୍‌ସିଂହପୁର, ଭଦ୍ରକ, ବାଲେଶ୍ୱର, ଯାଜପୁର, ଢେଙ୍କାନାଳ ସମେତ ସ୍ଥାନୀୟ ଅଞ୍ଚଳର କାରିଗରମାନେ ଏଥିରେ ଲାଗି ପଡ଼ିଛନ୍ତି। ମହୋତ୍ସବକୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବାକୁ ମେଳଣ କମିଟି ଗଠନ କରାଯାଇଛି। ୭ ତାରିଖରେ ମେଳଣପଡ଼ିଆରୁ ପୂର୍ବାହ୍ନ ୧୧ଟାରୁ ଭସାଣି ଆରମ୍ଭ ହୋଇ ରାତି ୧୦ଟା ସୁଦ୍ଧା ଶେଷ ହେବ। ଏଥିପୂର୍ବରୁ ଆଁଝାଲଡ୍ଡୁ ନିଲାମ କରାଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଚଳିତବର୍ଷ ଡିଜେ ସାଉଣ୍ଡକୁ ବାରଣ କରାଯାଇଛି। କେବଳ ପାରମ୍ପରିକ ବାଦ୍ୟ, ନୃତ୍ୟଦଳ ଭସାଣି ଶୋଭାଯାତ୍ରାରେ ସାମିଲ ହେବେ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି।



### ନିଆରା ପରମ୍ପରା

ଭୁବନ ଗଣେଶ ପୂଜାରେ ନିଆରା ପରମ୍ପରା ଦେଖିବାକୁ ମିଳେ। ପ୍ରତିବର୍ଷ ମାଟ୍ରିକ୍ ପାସ୍ କରିଥିବା ଛାତ୍ରମାନେ ମିଳିତ ହୋଇ ଏକ ନୂତନ ମେଢ଼ କରିଥାଆନ୍ତି। ସେହିପରି ୧୨ବର୍ଷ ପୂର୍ତ୍ତି ହେଉଥିବା ମେଢ଼କୁ ବିସର୍ଜନ କରିଦିଆଯାଇଥାଏ। ଦୀର୍ଘ ୩୦ବର୍ଷ ହେଲା ଏହି ପରମ୍ପରା ଜାରି ରହିଛି।

### ଭାଇଚାରାର ପର୍ବ



"ଭୁବନ ଗଣେଶ ପୂଜା ଭାଇଚାରାର ପର୍ବ। ନିଆରା ପରମ୍ପରା ଏହାକୁ ସାରା ଜିଲାରେ ସ୍ୱତନ୍ତ୍ର କରିଛି। ଏହା ଯୁବପିଢ଼ି, ଛାତ୍ରଙ୍କ ମଧ୍ୟରେ ସମ୍ପର୍କ ସୁଦୃଢ଼ କରୁଛି।

-ଦୀପକ ରଞ୍ଜନ ବେହେରା, ମେଳଣ କମିଟି ସଭାପତି

### କଳାକାରଙ୍କ ପ୍ରତିଭା ବିକାଶ ହେଉଛି



"ଗଣପତିଙ୍କ ପୂଜାରେ ଅଞ୍ଚଳର କଳାକାରଙ୍କୁ ନେଇ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହା ସ୍ଥାନୀୟ କଳାକାରଙ୍କ ପ୍ରତିଭାର ବିକାଶ କରୁଛି।

-ଜିତେନ୍ଦ୍ର ଦାସ, ମେଳଣ କମିଟି ସମ୍ପାଦକ

### ଜିଲାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି



"୩୦ ବର୍ଷ ହେଲା ଭୁବନରେ ଆୟୋଜିତ ଗଣେଶ ପୂଜା ଜିଲାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଆଁଝାଲଡ୍ଡୁ ନିଲାମ ଅର୍ଥ ଅସହାୟଙ୍କୁ ପ୍ରଦାନ କରାଯାଇଥାଏ।

-ବିନୋଦ କୁମାର ମହାରଣା, ମେଳଣ କମିଟି ଉପସଭାପତି

### ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜନ କରାଯିବ



"ଚଳିତବର୍ଷ ପୂଜାରେ ବିଶ୍ୱଶାନ୍ତି ମହାଯଜ୍ଞ, ୧୦୦୦ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ, ଦିବ୍ୟାଙ୍ଗଙ୍କୁ ବସ୍ତ୍ର ବଣ୍ଟନ ଆଦି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହେବ।

-ସୌମ୍ୟରଞ୍ଜନ ସାହୁ, ନାଇସ୍ କ୍ଲବ ସଭାପତି

### ଦରିଦ୍ର ନାରାୟଣ ସେବା ନିଷ୍ପତ୍ତି



"କ୍ଲବର ୧୨ବର୍ଷ ପୂର୍ତ୍ତି ଉପଲକ୍ଷେ ୨ଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ଦରିଦ୍ର ନାରାୟଣ ସେବା ମଧ କରାଯିବ।

-ଯଯାତି ବର୍ଦ୍ଧନ, ଡାଇନାମିକ୍ କ୍ଲବ ସଭାପତି

### ଭସାଣିରେ ପାରମ୍ପରିକ ବାଦ୍ୟ



"ସର୍ବସମ୍ମତିକ୍ରମେ ଚଳିତବର୍ଷ ଭସାଣି ଶୋଭାଯାତ୍ରାରେ ଡିଜେ ସାମିଲ ହେବନାହିଁ। ଓଡ଼ିଶାର ପାରମ୍ପରିକ ବାଦ୍ୟର ତାଳେତାଳେ ଶ୍ରୀଗଣେଶଙ୍କୁ ବିଦାୟ ଦିଆଯିବ।

-ମାନସ ପୃଷ୍ଟି, ଗଣପତ୍ କ୍ଲବ୍ ସଭାପତି

### ପ୍ରଚାର କରାଯିବ ଚକ୍ଷୁଦାନର ମହତ୍ ବାର୍ତ୍ତା



"ପାରମ୍ପରିକ ପୂଜାକୁ ଗୁରୁତ୍ୱ ଦିଆଯିବ। ଚକ୍ଷୁଦାନର ମହତ୍ ବାର୍ତ୍ତା ବିଷୟରେ ପ୍ରଚାର କରାଯିବ। ଏଥିଲାଗି ସ୍ୱତନ୍ତ୍ର ଶିବିରର ଆୟୋଜନ କରାଯିବ।

-ସୁନୀଲ ମହାନ୍ତି, ସିଂଘମ୍ କ୍ଲବ ସଭାପତି

# ସଂହତି ସ୍ଥାପନ ପାଇଁ ଆହ୍ୱାନ

**କାମାକ୍ଷାନଗର, ୧୩।୮(ଡି.ଏନ୍.ଏ.)**

କାମାକ୍ଷାନଗର ବ୍ଲକ କାନପୁରା ପଞ୍ଚାୟତିରାଜ ହାଇସ୍କୁଲରେ ଆଜାଦୀ କା ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରାକୁ ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ଶୁଭାରମ୍ଭ କରିଥିଲେ। ଏନ୍ସିସି, ସ୍କାଉଟ୍ସ, ଗାଇଡ୍ସ, ଜେଆର୍ସି ଦଳ ସମେତ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ। ପିଲାମାନେ ଦେଶାତ୍ମବୋଧକ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରି ଦେଶପ୍ରେମର ବାର୍ତ୍ତା ବାଣ୍ଟିଥିଲେ। ଶାନ୍ତି, ମୈତ୍ରୀ, ସଦ୍‌ଭାବନା ଏବଂ ସଂହତି ମାଧ୍ୟମରେ ପରସ୍ପର ମଧ୍ୟରେ ଭାଇଚାରା ସୃଷ୍ଟି କରିବାକୁ ପ୍ରଧାନ ଶିକ୍ଷକ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପ୍ରବନ୍ଧ, ବକ୍ତୃତା, ସଙ୍ଗୀତ, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ସ୍ୱାଧୀନତା ଦିବସରେ ପୁରସ୍କୃତ କରାଯିବ। ଶିକ୍ଷକ ସୁରେଶ ବିଶ୍ୱାଳ, ବାନାର୍ଜୀ ମହାନ୍ତି, ଚନ୍ଦ୍ରମଣି ଲେଙ୍କା, ରୁଦ୍ରନାରାୟଣ ପରିଡା, ପ୍ରହଲ୍ଲାଦ ସାହୁ, ନିରଞ୍ଜନ ସାହୁ, ବସନ୍ତ ସାହୁ, ନିର୍ମଳ ମହାନ୍ତି, ସମରେନ୍ଦ୍ର ନାୟକ, ସୌଭାଗ୍ୟ ସାହୁ, ଚିତ୍ତରଞ୍ଜନ ବିଶ୍ୱାଳ, ଅମିତ ନାୟକ, ଶିକ୍ଷୟିତ୍ରୀ କବିତା ରାଉତ, ପ୍ରଭାତୀ ସାହୁ , ଗୀତା ମହାପାତ୍ର , ଜ୍ୟୋତିର୍ମୟୀ ସାହୁ, ରୋଜାଲିନ ପତି, ଜୟସ୍ମିତା ରାଉତ, ଶିକ୍ଷା କର୍ମଚାରୀ ଗରୀଶ ମହାନ୍ତି, ରବିନାରାୟଣ ରାଉତ, ଚନ୍ଦନ ରାଉତ, ଶାନ୍ତନୁ ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ତ୍ରିରଙ୍ଗା ଶୋଭାଯାତ୍ରାରେ ଶିକ୍ଷାର୍ଥୀମାନେ।

# ପାସ୍ ହାର ୭୮.୬୭%, ସୁବାସ ବେଷ୍ଟ ଗ୍ରାଜୁଏଟ୍



କଲେଜ ଅଧ୍ୟକ୍ଷ ଓ ଅନ୍ୟମାନେ ପରୀକ୍ଷାଫଳ ପ୍ରକାଶନ କରୁଛନ୍ତି।

### ଢେଙ୍କାନାଳ କଲେଜ ଯୁକ୍ତ ୩ ପରୀକ୍ଷାଫଳ ପ୍ରକାଶିତ

**ଢେଙ୍କାନାଳ ଅଫିସ, ୧୩।୮**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଡିଗ୍ରୀ ପରୀକ୍ଷା ଫଳ ଶନିବାର ପୂର୍ବାହ୍ନ ୧୧ଟାରେ ପ୍ରକାଶ ପାଇଛି। ଶିକ୍ଷାନୁଷ୍ଠାନର ପାସ୍ ହାର ୭୮.୬୭% ହୋଇଛି। ପଦାର୍ଥ ବିଜ୍ଞାନ ଛାତ୍ର ସୁବାସ ଚନ୍ଦ୍ର ପଣ୍ଡା ସର୍ବାଧିକ ମାର୍କ ରଖି ବେଷ୍ଟ ଗ୍ରାଜୁଏଟ୍ ହୋଇଛନ୍ତି। ସେ ମୋଟ୍ ୨୬୦୦ ମାର୍କରୁ ୨୩୭୦ ରଖି ଓ-ଗ୍ରେଡ୍ ଡିଷ୍ଟିଂଶନ ପାଇଛନ୍ତି ।

ଚଳିତବର୍ଷ ବିଜ୍ଞାନ, କଳା ଓ ବାଣିଜ୍ୟରେ ମୋଟ ୪୨୨ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨୧୬ ପ୍ରଥମ ଶ୍ରେଣୀ ଡିଷ୍ଟିଂଶନ, ୭୦ ପ୍ରଥମ ଶ୍ରେଣୀ, ୧୨ ଦ୍ୱିତୀୟ ଶ୍ରେଣୀ ଡିଷ୍ଟିଂଶନ, ୩୪ଜଣ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ୮୮ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ଜଣେ କପି କରି ଧରାପଡ଼ି ଥିବାବେଳେ ଅନ୍ୟ ଜଣକ ପରୀକ୍ଷା ଫଳ ପ୍ରକାଶ ପାଇନାହିଁ। ବିଭାଗ ଅନୁଯାୟୀ ବିଜ୍ଞାନରେ ୯୪%, ବାଣିଜ୍ୟରେ ୫୯ % ଓ କଳାରେ ୮୩% ପାସ୍ ହାର ହୋଇଛି। ସେହିପରି ଗଣିତରେ ସୋନମ ବେହେରା ଓ-ଗ୍ରେଡ୍ ଡିଷ୍ଟିଂଶନ ପାଇଛନ୍ତି। ଅର୍ଥନୀତିରେ ଶୁଭଶ୍ରୀ ମହାପାତ୍ର, ଇଂଲିଶରେ ଅଭୀପ୍ସା ପଣ୍ଡା, ଇତିହାସରେ ରାକେଶ ମହାରଣା, ଓଡ଼ିଆରେ ଲକ୍ଷ୍ମୀପ୍ରିୟା ସାହୁ, ଦର୍ଶନଶାସ୍ତ୍ରରେ ବୈଶାଖୀ ସ୍ୱାଇଁ, ରାଜନୀତି ବିଜ୍ଞାନରେ ରାଜଲକ୍ଷ୍ମୀ ପଣ୍ଡା, ମନସ୍ତତ୍ତ୍ୱରେ ସତ୍ୟତାପସୀ ନାୟକ, ସଂସ୍କୃତରେ ସ୍ୱର୍ଣ୍ଣପ୍ରଭା ମହାନ୍ତି, ଉଦ୍ଭିଦ ବିଜ୍ଞାନରେ ସୁସ୍ମିତା ପଣ୍ଡା, ରସାୟନ ବିଜ୍ଞାନରେ ରାମେଶ୍ୱରୀ ଗୁଇଁ, ପ୍ରାଣୀବିଜ୍ଞାନରେ ବିଶ୍ୱଜିତା ସାହୁ ଏବଂ ବାଣିଜ୍ୟରେ ନିତାଶା ବେହେରା ସର୍ବାଧିକ ନମ୍ବର ରଖି ବିଭାଗୀୟ ଟପ୍ପର ହୋଇଛନ୍ତି। ରସାୟନ ବିଜ୍ଞାନର ମୋଟ ୨୬ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସମସ୍ତେ ପ୍ରଥମ ଶ୍ରେଣୀ ଡିଷ୍ଟିଂଶନରେ ଉତ୍ତୀର୍ଣ୍ଣ ହୋଇଛନ୍ତି । କଲେଜ ଅଧ୍ୟକ୍ଷ ପ୍ରଫେସର ରଞ୍ଜିତ କୁମାର ପ୍ରଧାନ ପରୀକ୍ଷା ଫଳ ଘୋଷଣା କରିବା ପରେ ବେଷ୍ଟ ଗ୍ରାଜୁଏଟ ଛାତ୍ର, ବିଭିନ୍ନ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ମେଧାବୀଙ୍କୁ ମିଠା ଖୁଆଇ ଶୁଭେଚ୍ଛା ଜଣାଇଥିଲେ। ଏଥିସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଜୟଦେବ ପାଢ଼ୀ, ଉପପରୀକ୍ଷା ନିୟନ୍ତ୍ରକ ପ୍ରଫେସର ସଞ୍ଜୀବ କୁମାର ମହାପାତ୍ର, ପ୍ରଫେସର ଶିବାନନ୍ଦ ସାହୁ, ପ୍ରଶାସନିକ ଅଧିକାରୀ ପ୍ରଫେସର ଦେବାଶିଷ ମହାନ୍ତି, ସୁରେଖା ବଳିଆରସିଂହ, ଡ. ପ୍ରଶାନ୍ତ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।



ପରୀକ୍ଷାଫଳ ପ୍ରକାଶ ପରେ ଜଣେ କୃତୀ ଛାତ୍ରୀଙ୍କୁ ଅଧ୍ୟକ୍ଷ ମିଠା ଖୁଆଉଛନ୍ତି।

### ପ୍ରଫେସର ହେବି: ସୁବାସ



ସୁବାସଚନ୍ଦ୍ର ପଣ୍ଡା

ଢେଙ୍କାନାଳ ସ୍ୱୟଂଶାସିତ କଲେଜର ଯୁକ୍ତ ୩ ଡିଗ୍ରୀ ପରୀକ୍ଷାରେ ୯୪% ମାର୍କ ରଖି ବେଷ୍ଟ ଗ୍ରାଜୁଏଟ୍ ହୋଇଛନ୍ତି ପଦାର୍ଥ ବିଜ୍ଞାନ ଛାତ୍ର ସୁବାସ ଚନ୍ଦ୍ର ପଣ୍ଡା। ଭବିଷ୍ୟତରେ ଜଣେ ପ୍ରଫେସର ହେବାକୁ ସେ ଲକ୍ଷ୍ୟ ରଖିଥିବା କହିଛନ୍ତି। କଲେଜ ସମୟ ବ୍ୟତୀତ ସେ ଦୈନିକ ୮ ଘଣ୍ଟା ପରିଶ୍ରମ କରୁଥିଲେ। ଏହି ସଫଳତାର ଶ୍ରେୟ ସେ ମା', ବାପା, ଭାଇ, ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ଦେଇଛନ୍ତି। ଢେଙ୍କାନାଳ ସହରର ଦୁର୍ଗାବଜାର ଅଞ୍ଚଳର ବ୍ୟବସାୟୀ ସନ୍ତୋଷ କୁମାର ପଣ୍ଡା ଏବଂ ମା' ସ୍ନେହଲତା ପଣ୍ଡାଙ୍କ କନିଷ୍ଠ ପୁତ୍ର ସୁବାସ ହେଉଛନ୍ତି ଜଣେ ମେଧାବୀ ଛାତ୍ର। ସେ ୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ମଧ୍ୟ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଯୁବକ ମୃତ

**କାମାକ୍ଷାନଗର, ୧୩।୮ (ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଜିରିଡ଼ାମାଳି ଗ୍ରାମର ବ୍ରହ୍ମା ବେହେରା (୩୮)ଙ୍କ ଶନିବାର ଅପରାହ୍ଣରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ମାଳପୁରା ଗ୍ରାମରୁ ଜିରିଡ଼ାମାଳିକୁ ଚାଲିଚାଲି ଆସୁଥିବାବେଳେ ବାଇପାସ୍ ନିକଟରେ ଏକ ଗାଡ଼ି ଧକ୍କା ଦେଇ ପଳାଇଥିଲା। ଗୁରୁତର ଅବସ୍ଥାରେ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଉପଖଣ୍ଡ ଚିକିତ୍ସାଳୟକୁ ନେଇ ଆସିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ବ୍ରହ୍ମାଙ୍କ ଏଭଳି ମୃତ୍ୟୁ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି। ପୋଲିସ ଅଭିଯୁକ୍ତ ଗାଡ଼ି ଚାଳକଙ୍କୁ ଠାବ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବ କରିଛନ୍ତି।

### ମହିଳାଙ୍କ ଆତ୍ମହତ୍ୟା

**ଢେଙ୍କାନାଳ ଅଫିସ, ୧୩।୮:**

ଢେଙ୍କାନାଳ ଜିଲା କାଠଗଡ଼ା ଅଞ୍ଚଳରେ ଜଣେ ବିବାହିତା ମହିଳା ଶନିବାର ବେକରେ ଲୁଗା ଦେଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗୌରୀ ସାହୁ (୩୦)। ମୃତା ମହିଳାଙ୍କ ବାପା ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ଏଥିରେ ସେ ଜଣେ ଯୁବକଙ୍କୁ ଦାୟୀ କରିଛନ୍ତି। ସମ୍ପୃକ୍ତ ଯୁବକଙ୍କ ମାନସିକ ନିର୍ଯାତନା ସହି ନ ପାରି ଝିଅ ଏଭଳି ଚରମ ପଦକ୍ଷେପ ନେଇଥିବା ସେ ଏଥିରେ ଉଲ୍ଲେଖ କରିଛନ୍ତି। ଟାଉନ ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ଘଟଣାର ତଦନ୍ତ ଜାରି ରହିଛି।

# ୨୭୧ ଗ୍ରାମକୁ ମିଳିବ ବିଶୁଦ୍ଧ ଜଳ



ଢେଙ୍କାନାଳରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ଏବଂ ବିଧାୟକ।

- ବ୍ରାହ୍ମଣୀ ନଦୀରେ ଆନିକଟ ପାଇଁ ୨୨୧ କୋଟି
- ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ବିଧାୟକ

**ଢେଙ୍କାନାଳ ଅଫିସ/ ଅନୁଗୋଳ ଅଫିସ, ୧୩।୮**

ଢେଙ୍କାନାଳ ଜିଲାର ଗ୍ରାମାଞ୍ଚଳବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଲାଗି ଜଳ ଜୀବନ ମିଶନ (ଜେଜେଏମ୍) ଯୋଜନାରେ ୫୦୨ କୋଟି ଟଙ୍କା ବ୍ୟୟରେ ୪ଟି ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯିବ। ଶୁକ୍ରବାର ରାଜ୍ୟ କ୍ୟାବିନେଟରେ ଏଥିଲାଗି ସବୁଜ ସଙ୍କେତ ମିଳିଛି। ଶନିବାର ପୂର୍ବାହ୍ଣରେ ସ୍ଥାନୀୟ ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ପରଜଙ୍ଗ ବିଧାୟକ ଡ. ନୃସିଂହ ଚରଣ ସାହୁ, ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ଉପସ୍ଥିତ ରହି ଏଥିଲାଗି ଜିଲାବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ କାମାକ୍ଷାନଗର, ପରଜଙ୍ଗ, କଙ୍କଡ଼ାହାଡ଼, ସଦର ବ୍ଲକ ଅଧୀନ ୭୧ ପଞ୍ଚାୟତର ୨୭୧ ଗ୍ରାମର ୩ଲକ୍ଷ ୨୨ହଜାର ୨୦୪ ଜନସାଧାରଣ ଉପକୃତ ହେବେ। ଢେଙ୍କାନାଳ ପୌରାଞ୍ଚଳର ୨୩ଟି ୱାର୍ଡ ସମେତ ସଦର ବ୍ଲକର ଶଙ୍କରପୁର, ଧୀରପାଟଣା, ବାଲ୍ୟାମ୍ବା, ମଧୁସାହୁପାଟଣା, ଚନ୍ଦ୍ରଶେଖର ପ୍ରସାଦକୁ ମହାନଦୀରୁ ପାଣି ଆସିବ। ଏଥିଲାଗି ୯୮ କୋଟି ୮୨ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି। ଏସବୁ ପ୍ରକଳ୍ପ ୨ବର୍ଷ ମଧ୍ୟରେ ଶେଷ ହେବ। ପୌରାଞ୍ଚଳବାସୀଙ୍କୁ ଦୈନିକ ୧୯୦ଲକ୍ଷ ଲିଟର ପାଣି ମିଳିବ ବୋଲି ବିଧାୟକ ସାମଲ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ଜିଲା କୃଷକ ବିଜେଡି ସଭାପତି ନରୋତ୍ତମ ସାହୁ, ଜିଲା ମହିଳା ବିଜେଡି ସଭାପତି ସାଗରିକା ମିଶ୍ର, ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ପୌରସଂସ୍ଥା ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର ଓ ଶ୍ରୀକାନ୍ତ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକର ଖାଲପାଳ ନିକଟ ବ୍ରାହ୍ମଣୀ ନଦୀରେ ବିନା ବିସ୍ଥାପନରେ ନିର୍ମାଣ କରାଯିବ ନଦୀ ଗର୍ଭ ସୀମିତ ଜଳ ସଂରକ୍ଷଣ ଆନିକଟ। ସେତୁ ଏବଂ ୫ ବର୍ଷ ଯାଏ ଏହାର ରକ୍ଷଣାବେକ୍ଷଣ ଲାଗି ୨୨୧ କୋଟି ଟଙ୍କା ମଞ୍ଜୁର କରାଯାଇଛି। ୩୩ ମାସ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ପରଜଙ୍ଗ ବ୍ଲକର ୨୨ ଗ୍ରାମ, ପରଜଙ୍ଗ ସହର, ସରାଙ୍ଗ, ଅନୁଗୋଳ ଜିଲା ତାଳଚେର ବ୍ଲକର ୨୩ ଗ୍ରାମ, ଡେରା, ଟିଟିପିଏସ୍, ଏଫ୍‌ସିଆଇ, ତାଳଚେର ସହରବାସୀଙ୍କୁ ପର୍ଯ୍ୟାପ୍ତ ପରିମାଣର ପିଇବା ପାଣି ମିଳିବ। ମାଛଚାଷ, ପ୍ରାଣୀପାଳନ ସହିତ ଲୋକଙ୍କ ଆର୍ଥିକ ଉନ୍ନତି ଦିଗରେ ସହାୟକ ହେବ। ଏଭଳି ଏକ ବହୁମୁଖୀ ପ୍ରକଳ୍ପକୁ ମଞ୍ଜୁର କରାଯାଇଥିବା ଶନିବାର ଅନୁଗୋଳ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଜିଲା ବିଜେଡି ସଭାପତି ମହେନ୍ଦ୍ର ବତ୍ତିଆଙ୍କ ସଭାପତିତ୍ୱରେ ଆୟୋଜିତ ଖବରଦାତା ସମ୍ମିଳନୀରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା, ଆଠମଲ୍ଲିକ ବିଧାୟକ ରମେଶ ସାଏ, ପାଲଲହଡା ବିଧାୟକ ମୁକେଶ ପାଲ, ଅନୁଗୋଳ ବିଧାୟକଙ୍କ ପ୍ରତିନିଧି ଅରୁଣାଭ ସିଂ ପ୍ରମୁଖ ଉପସ୍ଥିତ ଥିଲେ।




ଅନୁଗୋଳ ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକମାନେ।

### ଶହୀଦ ସୂର୍ଯ୍ୟମଣିଙ୍କ ବଳିଦାନ ସ୍ମରଣୀୟ ହୋଇ ରହିବ

**ଢେଙ୍କାନାଳ ଅଫିସ, ୧୩।୮**

ଢେଙ୍କାନାଳ ସଦର ବ୍ଲକ ଚାଉଳିଆ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଶନିବାର ଶହୀଦ ଯବାନ ସୂର୍ଯ୍ୟମଣି ବେହେରାଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଭୁବନାନନ୍ଦ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ବିମ୍ବାଧର ରାଉତ, ସମ୍ମାନିତ ଅତିଥି ସରପଞ୍ଚ ବାବୁଲି ରାଉତ, ପୂର୍ବତନ ପ୍ରଧାନ ଶିକ୍ଷକ ଗୋବିନ୍ଦଚନ୍ଦ୍ର ବିନ୍ଧାଣୀ, ବୈକୁଣ୍ଠ ବିହାରୀ ସ୍ୱାଇଁ, ଶିକ୍ଷକ ବ୍ରହ୍ମାନନ୍ଦ ପ୍ରଧାନ, ବନବିହାରୀ ହୋତା, ରଞ୍ଜନ ଦେହୁରୀ, ପ୍ରେମାନନ୍ଦ ସାହୁ, ଇସ୍ମାଇଲ ମହମ୍ମଦ, ମୁରଲୀଧର ରାଉତ ପ୍ରମୁଖ ଅମର ଯବାନଙ୍କ ସ୍ମୃତିଚାରଣ କରିଥିଲେ। ଶହୀଦ ସୂର୍ଯ୍ୟମଣିଙ୍କ ବଳିଦାନ ଚିରସ୍ମରଣୀୟ ହୋଇରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ସୂର୍ଯ୍ୟମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ୧୦ମ ଶ୍ରେଣୀ ଛାତ୍ରୀ ମୀନାକ୍ଷୀ ରାଉତଙ୍କୁ 'ଶହୀଦ ସୂର୍ଯ୍ୟମଣି ସାହସିକତା' ପୁରସ୍କାର ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ସ୍ୱର୍ଗତ ସୁରେଶ ଚନ୍ଦ୍ର ବେହେରା ଏବଂ ମା' ରଶ୍ମିତା ବେହେରାଙ୍କ କନିଷ୍ଠ ପୁତ୍ର ସୂର୍ଯ୍ୟମଣି ଭାରତୀୟ ସ୍ଥଳସେନାରେ ଲାନ୍ସ ନାଏକ ପଦବୀରେ କାର୍ଯ୍ୟରତ ଥିଲେ। ୨୦୦୫ ଅଗଷ୍ଟ ୧୩ରେ ଆତଙ୍କବାଦୀଙ୍କ ସହ ସମ୍ମୁଖ ଲଢେଇ ବେଳେ ସେ ଶହୀଦ ହୋଇଥିଲେ। ତାଙ୍କ ସ୍ମୃତିରେ ପରିବାର ପକ୍ଷରୁ ସ୍କୁଲ ସମ୍ମୁଖରେ ଶହୀଦଙ୍କ ପ୍ରତିମୂର୍ତ୍ତି ଓ ତୋରଣ ନିର୍ମାଣ କରାଯାଇଛି।

## 'ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ବିଷୟରେ ଯୁବପିଢ଼ିଙ୍କୁ ଜଣାଅ'

**ଢେଙ୍କାନାଳ ଅଫିସ, ୧୩।୮**

ସ୍ୱତନ୍ତ୍ରତାର ଅମୃତ ମହୋତ୍ସବ ଉପଲକ୍ଷେ ଢେଙ୍କାନାଳ ଗୋପବନ୍ଧୁ ଟାଉନହଲ୍ ପରିସରରେ ଶୁକ୍ରବାର ସନ୍ଧ୍ୟାରେ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଆଇନ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ବିଜୟ କୁମାର ମହାପାତ୍ର ଯୋଗଦେଇ କହିଲେ, ଭାରତୀୟମାନେ ଦେଶର ଐତିହ୍ୟ ସଂସ୍କୃତିକୁ ବିଶ୍ୱରେ ପ୍ରଚାର କରିବାକୁ ଦୃଢ଼ ସଂକଳ୍ପବଦ୍ଧ ହେବା ଉଚିତ। ଏଥିସହ ଆମର ସମୃଦ୍ଧ ଇତିହାସ, ଦେଶପାଇଁ ବଳିଦାନ ଦେଇଥିବା ସଂଗ୍ରାମୀଙ୍କ ବିଷୟରେ ଉତ୍ତରପିଢ଼ିଙ୍କୁ ଅବଗତ କରାଇବା ମଧ୍ୟ ଜରୁରୀ। ଫଳରେ ନୂତନପିଢ଼ିଙ୍କ ମଧ୍ୟରେ ଦେଶ ପ୍ରତି ମମତା ସୃଷ୍ଟି ହେବ। ମୁଖ୍ୟବକ୍ତା ଭାବେ ଆର୍‌ଏସ୍‌ଏସ୍ ଓଡ଼ିଶା ପୂର୍ବପ୍ରାନ୍ତ ସହକାର୍ଯ୍ୟ ନିର୍ବାହ ସୁଦର୍ଶନ ଦାସ କହିଲେ, ଭାରତୀୟ ଯୋଗକୁ ବିଶ୍ୱସ୍ତରରୁ ସ୍ୱୀକୃତି ମିଳିଛି। ଏହାର ମହତ୍ତ୍ୱ ବୁଝିବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅମୃତ ମହୋତ୍ସବ ସମାରୋହ ସମିତି ଜିଲା ସହ ସଂଯୋଜକ ଶିକ୍ଷାବିତ୍ ଶିଶିଭୂଷଣ ଦାସ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଭାରତମାତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ, ଦୀପ ପ୍ରଜ୍ୱଳନ ସହ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ନଗର ସଂଯୋଜକ ବାବୁଚାନ୍ଦ ମହାଳିକ ସଭାପତିତ୍ୱ କରିଥିବାବେଳେ ଆଇନଜୀବୀ ଦୀପକ ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଶହୀଦଙ୍କ ସ୍ମୃତିଚାରଣ



ଆୟୋଜିତ ଶୋଭାଯାତ୍ରାରେ ଷଡ଼ଙ୍ଗୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ।

**ଢେଙ୍କାନାଳ ଅଫିସ, ୧୩।୮**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଷଡ଼ଙ୍ଗୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଆଜାଦୀ କା ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସ୍କୁଲ ପରିସରରେ ଥିବା ମହାତ୍ମା ଗାନ୍ଧୀ, ଗୋପବନ୍ଧୁ ଏବଂ ଶହୀଦ ତୁଷାରକାନ୍ତ ବରାଳଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସରପଞ୍ଚ ସମ୍ବିତ କୁମାର ଓଝା, ପରିଚାଳନା ପରିଷଦ ସଭାପତି ନିର୍ମଳ ଚନ୍ଦ୍ର ବିହାରୀ, ପ୍ରଧାନଶିକ୍ଷକ ହରିହର ସାହୁ, ଶିକ୍ଷକ ବିଜୟ ବରାଳ, ରବିନାରାୟଣ ବେହେରା, ଶିକ୍ଷୟିତ୍ରୀ ହିରଣ୍ୟମୟୀ ପଣ୍ଡା, ଶର୍ମିଷ୍ଠା ବେହେରା, ମଧୁସ୍ମିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

## ସଂଗ୍ରାମୀଙ୍କ ବଳିଦାନର ସ୍ମୃତିଚାରଣ

**କାମାକ୍ଷାନଗର, ୧୩।୮ (ଡି.ଏନ୍.ଏ.)**

କାମାକ୍ଷାନଗର ବ୍ଲକ ଏବଂ ଏନ୍‌ଏସି କଂଗ୍ରେସ ପକ୍ଷରୁ ଶନିବାର ଗୌରବ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ୱାଧୀନତା ସଂଗ୍ରାମରେ ବଳିଦାନ ଦେଇଥିବା ସଂଗ୍ରାମୀଙ୍କ ସ୍ମୃତିଚାରଣ କରାଯାଇଥିଲା। ଜିଲା କିଷାନ କଂଗ୍ରେସ ସଭାପତି ବିପ୍ରବର ସାହୁଙ୍କ ନେତୃତ୍ୱରେ ନେତୃବୃନ୍ଦ ମହୁଲପାଳଠାରୁ କାମାକ୍ଷାନଗର ଏନ୍‌ଏସି ଯାଏ ତ୍ରିରଙ୍ଗା ପଦଯାତ୍ରା କରିଥିଲେ। ଦଳୀୟ କର୍ମକର୍ତ୍ତାମାନେ କଂଗ୍ରେସ ଶାସନର ଗୌରମମୟ ଦିନର ସ୍ମୃତି ରୋମନ୍ଥନ କରିବା ସହିତ ଭାଜପା ଏବଂ ବିଜେଡି ସରକାରଙ୍କ ନୀତିର ତୀବ୍ର ସମାଲୋଚନା କରିଥିଲେ। ଜିଲା ପର୍ଯ୍ୟବେକ୍ଷକ ସୁବାସ ଚନ୍ଦ୍ର ପାଲ, ବ୍ଲକ ସଭାପତି ଶରତ ପଟ୍ଟନାୟକ, ଏନଏସି ସଭାପତି ସନ୍ତୋଷ ମହାରଣା ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇଥିଲେ। ଉକ୍ତ ପଦଯାତ୍ରା ମହୁଲପାଳ, ପୁରୁଣାରେଙ୍ଗୁଳା, ନୂଆଁରେଙ୍ଗୁଳା, କାମାକ୍ଷାନଗର ବଜାର ପରିକ୍ରମା କରିଥିଲା।




ପଦଯାତ୍ରାରେ କଂଗ୍ରେସ କର୍ମକର୍ତ୍ତାମାନେ।

## ରାଷ୍ଟ୍ରୀୟ ଲୋକ ଅଦାଲତ: ୫୮ ମାମଲାର ଫଇସଲା

**ହିନ୍ଦୋଳ, ୧୩।୮ (ଡି.ଏନ୍.ଏ.)**

ହିନ୍ଦୋଳ ସିଭିଲ କୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ମୋଟ ୫୮ ମାମଲାର ଫଇସଲା ହୋଇଥିଲା। ଜରିମାନା ବାବଦକୁ ୮୨ ହଜାର ୮୭୭ ଟଙ୍କା ଆଦାୟ ହୋଇଛି। ସିଭିଲ କୋର୍ଟ ସିନିୟର ଡିଭିଜନ କୋର୍ଟରେ ୧୫ ଏବଂ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ୪୩ ମାମଲାର ଆପୋସ ସମାଧାନ କରାଯାଇଥିଲା। ସିନିୟର ସିଭିଲଜଜ୍ ଅଞ୍ଜଳି କୁମାରୀ ପାଢ଼ୀ, ଏସ୍‌ଡିଜେଏମ୍ ଇପ୍ସିତା ମହାନ୍ତି, ତୃପ୍ତି ସାହୁ, ଗଙ୍ଗାଧର ସାହୁ, ବରିଷ୍ଠ କିରାଣି କାଳିନ୍ଦୀ ଚରଣ ସେଠୀ, ନାଜର ବନମାଳୀ ପଣ୍ଡା, ପୀତାମ୍ବର ରାଉଳ, ଉପେନ୍ଦ୍ର ନାୟକ, ଜିତେନ୍ଦ୍ର ସାହୁ, ଶୁଭମ୍ ଦାସ, ସୋନାଲିସା ଦାସ, ଜିତେନ୍ଦ୍ର ଖଣ୍ଡେଇ ପ୍ରମୁଖ ସହଯୋଗ କରିଥିଲେ। ଆଇନଜୀବୀ ଅଶ୍ୱିନୀ ମହାପାତ୍ର, ସୁରେଶ ବାରିକ, ସଞ୍ଜୟ ପଟ୍ଟନାୟକ, ପ୍ରକାଶ ନାୟକ, ମନୋଜ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ୨୫ରେ ମୋ ଢେଙ୍କାନାଳ ମହୋତ୍ସବ



ମୋ ଢେଙ୍କାନାଳ ଡିଜିଟାଲ ମିଡିଆ ପକ୍ଷରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକ।

**ଢେଙ୍କାନାଳ ଅଫିସ, ୧୩।୮**

ଆସନ୍ତା ୨୫ ତାରିଖରେ ମୋ ଢେଙ୍କାନାଳ ଡିଜିଟାଲ ମିଡିଆ ଚ୍ୟାନେଲ ପକ୍ଷରୁ ପାଳିତ ହେବ ମୋ ଢେଙ୍କାନାଳ ମହୋତ୍ସବ। ଏହାକୁ ନେଇ ଶୁକ୍ରବାର ମହାବୀର ବଜାରସ୍ଥିତ ମମତା ମଣ୍ଡପରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୁରୁଦେବଜୀ ଫାଉଣ୍ଡେଶନର ଉପଦେଷ୍ଟା ଦୀପ୍ତିବାଳା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠାନର ପ୍ରତିଷ୍ଠାତା ସୌମ୍ୟବ୍ରତ ସାହୁ ଯୋଗଦେଇ ମହୋତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଆସନ୍ତା ୨୫ ତାରିଖରେ 'ମୋ ଢେଙ୍କାନାଳ'ର ୪ର୍ଥ ପ୍ରତିଷ୍ଠା ଦିବସ ଉପଲକ୍ଷେ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହେବ। ୨୬, ୨୭ ଓ ୨୮ ତାରିଖରେ ଜିଲାସ୍ତରୀୟ ପ୍ରତିଯୋଗିତା 'ମୋ ପ୍ରତିଭା, ମୋ ପରିଚୟ' ଆୟୋଜନ କରାଯିବ। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉଦ୍‌ଯାପନୀ ଦିବସରେ ପୁରୁଣା ଜିଲା ପରିଷଦ ହଲ୍‌ରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତି ସମ୍ମାନିତ ହେବେ।

ଏଥିପୂର୍ବରୁ ବ୍ଲକସ୍ତରରେ ଚିତ୍ରାଙ୍କନ, ବକ୍ତୃତା, ପ୍ରବନ୍ଧ, ନୃତ୍ୟ, ସଙ୍ଗୀତ, ଅଭିନୟ, ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବ୍ଲକସ୍ତରୀୟ କୃତୀ ପ୍ରତିଯୋଗୀମାନେ ଜିଲାସ୍ତରକୁ ମନୋନୀତ ହୋଇ ପ୍ରତିଭା ପ୍ରଦର୍ଶନ କରିବେ। ବୈଠକରେ ମହୋତ୍ସବ କମିଟି ସଦସ୍ୟା ସସ୍ମିତା ଦାସ, ରାମେଶ୍ୱରୀ ପଟ୍ଟନାୟକ, ଅନନ୍ୟ ହୋତା, ପ୍ରୀତି ସରକାର, ମୋହିନୀ ମୋନାଲିସା, ଆଶୁତୋଷ ପାଢ଼ୀ, ସୁଚିତ୍ର ବେହେରା, ସତ୍ୟଜିତ ରାଉତ, ରଞ୍ଜନ ନାୟକ, ଇନ୍ଦ୍ରଜିତ ସାହୁ ଉପସ୍ଥିତ ଥିଲେ। ଶିବାନୀ ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ।

## ହିନ୍ଦୀ, ଖେଳ ଶିକ୍ଷକ ପଢ଼ାଇବେ ସାହିତ୍ୟ, ଇତିହାସ, ଭୂଗୋଳ

**ଢେଙ୍କାନାଳ ଅଫିସ, ୧୩।୮**

ପ୍ରଧାନ ଶିକ୍ଷକଙ୍କ ବିନା ଅନୁମତିରେ ବିଦ୍ୟାଳୟକୁ ଗଣମାଧ୍ୟମ ପ୍ରତିନିଧି ପ୍ରବେଶ କରିପାରିବେ ନାହିଁ। କିଛିଦିନ ତଳେ ଢେଙ୍କାନାଳ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଜାରି କରାଯାଇଥିବା ଏଭଳି ଏକ ଚିଠିକୁ ନେଇ ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ଏହାକୁ ନେଇ ଜିଲାପାଳଙ୍କୁ ସ୍ପଷ୍ଟୀକରଣ ଦେବାକୁ ପଡ଼ିଥିଲା। ଏବେ ଅନୁରୂପ ଏକ ନିର୍ଦ୍ଦେଶନାମାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଜିଲାରେ ହିନ୍ଦୀ, କଳା ଓ କ୍ରୀଡ଼ା ଶିକ୍ଷକମାନେ ଏଣିକି ହାଇସ୍କୁଲର ଛାତ୍ରୀଛାତ୍ରଙ୍କୁ ସାହିତ୍ୟ, ଇତିହାସ, ଭୂଗୋଳ ପଢ଼ାଇବେ। ଗତ ୧୧ ତାରିଖରେ ଜିଲା ଶିକ୍ଷାଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟର ପତ୍ର ନଂ. ୧୧୨୭୭ରେ ଅନୁଯାୟୀ ସମସ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ହିନ୍ଦୀ, କଳା ଏବଂ କ୍ରୀଡ଼ା ଶିକ୍ଷକମାନେ ଆବଶ୍ୟକ ସଂଖ୍ୟକ କ୍ଲାସ୍ କରୁନାହାନ୍ତି।



DISTRICT EDUCATION OFFICE: DHENKANAL
No. 11277/dt. 11.08.2022

To
The Headmaster of
all types High Schools
under Dhenkanal District.

Sub:- Assignment of duties of Hindi Teachers, Classical Teachers & Physical Education Teachers.

Sir/ Madam,

It is to inform you that the Hindi Teachers, Classical Teachers & Physical Education Teachers are taking less number of classes on day to day basis Hence you are instructed to utilize the services of the above category teachers adding extra classes in their favour preferable Oriya, History, Geography etc. for equalization of routine work.

Any deviation in this regard may be reported to the undersigned without any delay.

Yours faithfully,
District Education Officer,
Dhenkanal

ଡିଇଓ କାର୍ଯ୍ୟାଳୟରୁ ଜାରି କରାଯାଇଥିବା ଚିଠିର ନକଲ।

### ପ୍ରଧାନ ଶିକ୍ଷକଙ୍କୁ ଡିଇଓଙ୍କ ନିର୍ଦ୍ଦେଶ

ତେଣୁ ସେମାନଙ୍କୁ ସାହିତ୍ୟ, ଇତିହାସ ଏବଂ ଭୂଗୋଳ ପଢ଼ାଇବା ପାଇଁ ଡିଇଓ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ଅନ୍ୟପଟେ ଶିକ୍ଷା ବିଭାଗର ଏଭଳି ନିଷ୍ପତ୍ତିକୁ ନେଇ ଶିକ୍ଷୟିତ୍ରୀଶିକ୍ଷକମାନେ ଖୋଲାଖୋଲି ବିରୋଧ କରୁ ନ ଥିଲେ ମଧ୍ୟ ସେମାନଙ୍କ ଭିତରେ ଅସନ୍ତୋଷ ସୃଷ୍ଟି ହୋଇଛି।

ଏ ସଂକ୍ରାନ୍ତରେ ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି କୁହନ୍ତି, ଏହା ଏକ ବଡ଼ ଇସ୍ୟୁ ନୁହେଁ। ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ପଦବୀ ଖାଲି ପଡ଼ିଛି। ତେଣୁ ଉକ୍ତ ବିଷୟରେ ପାଠ ପଢ଼ାଇବା ଲାଗି ଆଡ୍‌ଜଷ୍ଟ କରିବା ପାଇଁ ପ୍ରଧାନ ଶିକ୍ଷକମାନଙ୍କୁ କୁହାଯାଇଛି। ଏ ନେଇ ଶିକ୍ଷକ ସଂଘର କର୍ମକର୍ତ୍ତାଙ୍କ ସହିତ ଆଲୋଚନା ମଧ୍ୟ କରାଯାଇଛି। ତେବେ ଏହା ଏହା ବାଧ୍ୟତାମୂଳକ ନୁହେଁ ବୋଲି ସେ ପ୍ରତିକ୍ରିୟାରେ କହିଛନ୍ତି।

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୩ ଗିରଫ

ବଇଣ୍ଡା,୧୩।୮(ଡି.ଏନ.ଏ.)-ଆଠମଲ୍ଲିକ ଓ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ଶନିବାର କିଆକଟା ଓ କିଶୋରନଗର ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ୫୨ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ କିଆକଟା ଥାନା ବାଣପୁର ଗ୍ରାମର ମାଧ ନାୟକ, ବେଲତଇଲା ଗ୍ରାମର ଲକ୍ଷ୍ମଣ ମେହେର, କିଶୋରନଗର ଥାନା କୁସୁଣୀ ଗ୍ରାମର ପଦ୍ମାବତୀ ବେହେରାଙ୍କୁ ଗିରଫ କରାଯାଇଛି। ଏମାନେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ଆଠମଲ୍ଲିକ ଅବକାରୀ ନିରୀକ୍ଷକ ଅନିତା ଓଝା, ବଇଣ୍ଡା ଅବକାରୀ ଅଧିକାରୀ ବଲବୀର ଗଡ଼ନାୟକ ଚଢ଼ାଉ କରିଥିଲେ।

### ଔଷଧ ବିକ୍ରେତାଙ୍କଠାରୁ ଲୁଟ୍

ଅନୁଗୋଳ ଅଫିସ, ୧୩।୮-ଅନୁଗୋଳ ଜିଲା ତାଳଚେର ଥାନା ସୁନାଖଣି ବିକସର ନିକଟରେ ଶନିବାର ସକାଳେ ଜଣେ ଔଷଧ ବିକ୍ରେତାଙ୍କଠାରୁ ଟଙ୍କା ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ଅନୁଗୋଳ ସୁସୁଡା ଗ୍ରାମର ସୁଧାଂଶୁ ସାହୁ କଣିହାଁ ଅଞ୍ଚଳର କିଛି ଔଷଧ ଦୋକାନରୁ ଟଙ୍କା ସଂଗ୍ରହ କରି ବାଇକରେ ଫେରୁଥିଲେ। ବିକସର ନିକଟରେ ଦୁଇଜଣ ଦୁର୍ବୃତ୍ତ ବାଇକରେ ଆସି ତାଙ୍କୁ ଅଟକାଇ ବନ୍ଧୁକ ଦେଖାଇ ତାଙ୍କ ନିକଟରୁ ୨୦ ହଜାର ଟଙ୍କା ଲୁଟି ନେଇଥିବା ସୁଧାଂଶୁ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ଢାବା ମାଲିକଙ୍କୁ ଆକ୍ରମଣ, ଜଣେ ଗିରଫ

ବଇଣ୍ଡା,୧୩।୮(ଡି.ଏନ.ଏ.)-କିଶୋରନଗର ବ୍ଲକ ଭାଙ୍ଗମୁଣ୍ଡା ଅଞ୍ଚଳରେ ଥିବା କାଶ୍ମୀର ଢାବା ମାଲିକ ହିମିତିରା ଗ୍ରାମର ନକୁଳ ବେହେରା ଓ ଚନ୍ଦ୍ରମଣି ବେହେରାଙ୍କୁ ଭାଙ୍ଗମୁଣ୍ଡା ଗ୍ରାମର ଅନିଲ ବେହେରା ଓ ତାଙ୍କ ୩ ସହଯୋଗୀ ଆକ୍ରମଣ କରିଥିବା ଚନ୍ଦ୍ରମଣି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୧୩୫/୨୨ରେ ଏକ ମାମଲା ରୁଜୁ କରି ଅନିଲଙ୍କୁ ଶନିବାର ଗିରଫ କରି ଆଠମଲ୍ଲିକ କୋର୍ଟଚାଲାଣ କରିଛି। ପୋଲିସ କହିଛି, ଚନ୍ଦ୍ରମଣି ଭାଙ୍ଗମୁଣ୍ଡାଠାରେ ଥିବା ତାଙ୍କ ଜମିରେ ଢାବା କରି ନକୁଳଙ୍କୁ ଢାବା ଚଳାଇବା ପାଇଁ ଦେଇଥିଲେ। ସେହି ଢାବା ନିକଟରେ ଅନିଲ ଏକ ଚା’ ଦୋକାନ ଦେଇଥିବାବେଳେ ନକୁଳଙ୍କଠାରୁ ନିଜ ଚା ଦୋକାନକୁ ବିଦ୍ୟୁତ୍ ସଂଯୋଗ ନେଇଥିଲେ। ଦିନରେ ବଲ ଗୁଡିକ ବ୍ୟବହାର କରୁଥିବାରୁ ଶୁକ୍ରବାର ନକୁଳ ସେ ଗୁଡିକ ଖୋଲି ଦେଇଥିଲେ। ପରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲେ। ଅନିଲ ତାଙ୍କ ୩ ସହଯୋଗୀଙ୍କୁ ଡାକି ନକୁଳ ଓ ଚନ୍ଦ୍ରମଣି ଢାବାରେ ଥିବାବେଳେ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ଛିନତାଇ ଅଭିଯୋଗରେ, ୫ମହିଳା ଅଟକ

ଛେଣ୍ଡିପଦା,୧୩।୮(ସ୍ୱ.ପ୍ର)-ଛେଣ୍ଡିପଦା ଥାନା କୋଶଳା ଗ୍ରାମରେ ଶନିବାର ମା’ ରାମଚଣ୍ଡୀ ଠାକୁରାଣୀଙ୍କ ବାର୍ଷିକ ଯାତ୍ରାରେ ଜଣେ ମହିଳାଙ୍କଠାରୁ ସୁନାଚେନ ଚୋରି କରି ନେଉଥିବାବେଳେ ଗ୍ରାମବାସୀ ୫ମହିଳାଙ୍କୁ ଅଟକ ରଖିଥିଲେ। ପରେ ଗ୍ରାମବାସୀ ସେମାନଙ୍କୁ ଛେଣ୍ଡିପଦା ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ଉକ୍ତ ମହିଳାଙ୍କୁ ଛେଣ୍ଡିପଦା ଥାନାକୁ ଆଣି ପଚରାଉଚରା ଚଳାଇଥିବା ଛେଣ୍ଡିପଦା ଥାନା ଅଧିକାରୀ ଧୀରେନ କୁମାର ବେହେରା ପ୍ରକାଶ କରିଛନ୍ତି।

### ରାସ୍ତା ଉପରେ ପଡିଲା ଗଛ, ଯାତାୟାତ ଠପ୍

ଛେଣ୍ଡିପଦା,୧୩।୮(ସ୍ୱ.ପ୍ର) ଛେଣ୍ଡିପଦା ବ୍ଲକ ବାଲିପଙ୍ଗା-ବଇଣ୍ଡା ପୂର୍ତ୍ତ ବିଭାଗ ରାସ୍ତା ଉପରେ ଶନିବାର ଅପରାହ୍ନରେ ଏକ ବୃହତ କାୟ ଆମ୍ବ ଗଛ ଉପୁଡି ପଡି ରାସ୍ତା ଉପରେ ପଡ଼ିଥିଲା। ଫଳରେ ୪ ଘଣ୍ଟା ଧରି ଯାତାୟତ ଠପ୍ ହୋଇଯାଇଥିଲା। ଖବରପାଇ ଛେଣ୍ଡିପଦା ଦମକଳ ବାହିନୀ କର୍ମଚାରୀ ପହଞ୍ଚି ଗଛକୁ କାଟି ରାସ୍ତାରୁ ହଟାଇଥିଲେ। ଏହାପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଏହି ଗଛ ଉପୁଡ଼ିବା ଫଳରେ ଗ୍ରାମର ସୁଧାକର ଗଡନାୟକଙ୍କ ଘର ପାଖ ପାଚେରି ଓ ଫାଟକ କ୍ଷତିଗ୍ରସ୍ତ ହୋଇଛି।



# ପାସ୍ ହାର ୮୩.୧ ପ୍ରତିଶତ

■ଅନୁଗୋଳ କଲେଜ ସ୍ନାତକ ପରୀକ୍ଷା ଫଳ ପ୍ରକାଶିତ
■ରାଧାରମଣ ବେଷ୍ଟ ଗ୍ରାଜୁଏଟ୍




ଅନୁଗୋଳ ଅଫିସ, ୧୩।୮

ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ ପରୀକ୍ଷା ଫଳାଫଳ ଶନିବାର ପ୍ରକାଶିତ ହୋଇଛି। ଚଳିତ ବର୍ଷ ପାସ୍ ହାର ୮୩.୧ ପ୍ରତିଶତ ରହିଛି। ପରୀକ୍ଷା ଦେଇଥିବା ମୋଟ୍ ୬୭୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୦୩ ଫାଷ୍ଟକ୍ଲାସ୍ ଅନର୍ସ ୱିଥ ଡିଷ୍ଟିଂଶନ, ୨୧୭ ଫାଷ୍ଟ କ୍ଲାସ ଅନର୍ସ, ୩ଜଣ ସେକେଣ୍ଡ କ୍ଲାସ ଅନର୍ସ ୱିଥ୍ ଡିଷ୍ଟିଂଶନ, ୩୮ ଜଣ ସେକେଣ୍ଡ କ୍ଲାସ ଅନର୍ସ ପାଇଛନ୍ତି। ୧୧୪ ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ରସାୟନ ବିଜ୍ଞାନ ସମ୍ମାନ ଛାତ୍ର ରାଧାରମଣ ସାମନ୍ତ ୨୪୨୬ ନମ୍ବର ରଖି ବେଷ୍ଟ ଗ୍ରାଜୁଏଟ ହୋଇଛନ୍ତି। ସେହିପରି କଳା ବିଭାଗରେ ସଂସ୍କୃତ ସମ୍ମାନ ବିଭାଗ ଛାତ୍ରୀ ମିନତି ସାହୁ (୨୧୯୧), ବାଣିଜ୍ୟ ବିଭାଗରେ ଜ୍ୟୋସ୍ନାରାଣୀ ମୁଦୁଲି (୧୯୬୭) ବିଭାଗୀୟ ଟପ୍ପର ହୋଇଛନ୍ତି। ଅପରାହ୍ନରେ କଲେଜ ଅଧକ୍ଷ ପ୍ରଫେସର ଡ. ଗଙ୍ଗାଧର କର, ପରୀକ୍ଷା ନିୟନ୍ତ୍ରକ କ୍ୟାପ୍ଟେନ ଡ. ଅଭିମନ୍ୟୁ ଦାସଙ୍କ ସମେତ ଉପପରୀକ୍ଷା ନିୟନ୍ତ୍ରକ, ଅଧାପିକା ଅଧାପକଙ୍କ ଉପସ୍ଥିତିରେ ପରୀକ୍ଷା ଫଳ ଘୋଷଣା କରାଯାଇଥିଲା। ଅଧକ୍ଷ ପ୍ରଫେସର କର ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

କଳା ବିଭାଗରେ ୧୧ଟି ସମ୍ମାନ ବିଷୟରେ ୨୩୮ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀ ଡିଷ୍ଟିଂଶନରେ ୧୧୬, ପ୍ରଥମ ଶ୍ରେଣୀରେ ୫୭, ଦ୍ୱିତୀୟ ଶ୍ରେଣୀ ଡିଷ୍ଟିଂଶନରେ ୩, ଦ୍ୱିତୀୟ ଶ୍ରେଣୀରେ ୧୫ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୪୭ ଜଣ ଫେଲ୍ ହୋଇଛନ୍ତି। କଳା ବିଭାଗରେ ପାସ ହାର ୮୦.୩% ରହିଛି। ବିଜ୍ଞାନ ବିଭାଗର ୬ ସମ୍ମାନ ବିଷୟରେ ୨୭୯ ଜଣ ପରୀକ୍ଷା ଦେଇଥିଲେ। ପ୍ରଥମ ଶ୍ରେଣୀ ଡିଷ୍ଟିଂଶନରେ ୧୬୮, ପ୍ରଥମ ଶ୍ରେଣୀରେ ୮୩, ଦ୍ୱିତୀୟ ଶ୍ରେଣୀରେ ୨ ଜଣ ପାସ୍ ହୋଇଥିବାବେଳେ ୨୬ ଜଣ ଫେଲ୍ ହୋଇଛନ୍ତି। ପାସ ହାର ୯୦.୭% ରହିଛି। ବାଣିଜ୍ୟ ବିଭାଗରେ ମୋଟ ୧୫୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀ ଡିଷ୍ଟିଂଶନରେ ୧୯, ପ୍ରଥମ ଶ୍ରେଣୀରେ ୭୭, ଦ୍ୱିତୀୟ ଶ୍ରେଣୀରେ ୨୧ ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୪୧ ଜଣ ଫେଲ୍ ହୋଇଛନ୍ତି। ପାସ୍ ହାର ରହିଛି ୭୪.୧%। କଳା ବିଭାଗର ଅର୍ଥନୀତି ସମ୍ମାନରେ ସନ୍ଦୀପ ଶେଖର ନାୟକ (୧୧୬୧), ଶିକ୍ଷା ସମ୍ମାନରେ ୱାଇ. ପାଣ୍ଡେ (୧୨୦୦), ଇଂଲିଶ ସମ୍ମାନରେ ସିଫା ରାୟ (୧୦୭୯), ଭୂଗୋଳ ସମ୍ମାନରେ ସୋନାଲି ଥମ୍ବ (୧୦୩୧), ଇତିହାସ ସମ୍ମାନରେ ପ୍ରିୟଙ୍କା ସାହୁ (୧୧୦୧), ଓଡ଼ିଆ ସମ୍ମାନରେ ଦୀପ୍ତିମୟୀ ସାହୁ (୧୧୨୧), ଦର୍ଶନ ସମ୍ମାନରେ ପ୍ରୀତି କୁମାରୀ ଦାସ (୮୭୫), ରାଜନୀତି ବିଜ୍ଞାନ ସମ୍ମାନରେ ତୃପ୍ତିମୟୀ ରାଉଳ (୧୨୦୮), ସଂସ୍କୃତ ସମ୍ମାନରେ ମିନତି ସାହୁ (୧୧୮୯), ସାମାଜିକ ବିଜ୍ଞାନ ସମ୍ମାନରେ ଲିପ୍ସାରାଣୀ ପ୍ରଧାନ (୧୧୨୬) ବିଭାଗୀୟ ଟପ୍ପର ହୋଇଛନ୍ତି। ସେହିଭଳି ବିଜ୍ଞାନ ବିଭାଗର ବଟ୍ନି ସମ୍ମାନରେ ପ୍ରୀତି ପ୍ରିୟଦର୍ଶନୀ ସାହୁ (୧୨୨୩), ରସାୟନ ବିଜ୍ଞାନ ସମ୍ମାନରେ ରାଧାରମଣ ସାମନ୍ତ (୧୩୩୭), କମ୍ପ୍ୟୁଟର ସାଇନ୍ସ ସମ୍ମାନରେ ବିଭୁଦତ୍ତ ସାହୁ (୧୧୩୩), ଗଣିତ ସମ୍ମାନରେ ଲୋପାମୁଦ୍ରା ବିଶ୍ୱାଳ (୧୨୬୬), ପଦାର୍ଥ ବିଜ୍ଞାନ ସମ୍ମାନରେ ସୁଲୋଚନା ଖିଲାର (୧୨୮୧), ଜୁଲୋଜି ସମ୍ମାନରେ ବନ୍ଦନା ସାହୁ (୧୨୪୫) ବିଭାଗୀୟ ଟପ୍ପର ହୋଇଛନ୍ତି। ବାଣିଜ୍ୟ ବିଭାଗର ଅଭିନାଶ ଦେବତା (୧୦୯୭) ନମ୍ବର ରଖି ପ୍ରଥମ ସ୍ଥାନ ହାସଲ କରିଛନ୍ତି।

# ଟିକରପଡା ଅଞ୍ଚଳ ପରିଦର୍ଶନ କଲେ ଉପଜିଲାପାଳ

ଅନୁଗୋଳ ଅଫିସ,୧୩।୮

ହୀରାକୁଦ ଡ୍ୟାମର ୩୪ ଟି ଗେଟ ଖୋଲିବା ପରେ ଅନୁଗୋଳ ଜିଲା ଆଠମଲ୍ଲିକ ଓ ଟିକରପଡା ଅଞ୍ଚଳରେ ବନ୍ୟା ଜଳ ପ୍ରବେଶ କରିବାର ଆଶଙ୍କା ରହିଛି। ଏ ନେଇ ଶନିବାର ଅନୁଗୋଳ ଉପ-ଜିଲାପାଳ ବାଇତୁରା ଦୀପ ଟିକରପଡା ଅଞ୍ଚଳ ପରିଦର୍ଶନ କରିଛନ୍ତି। ଏଥିସହିତ ବନ୍ୟା ଆଶଙ୍କା ଥିବା ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ତୁରନ୍ତ ସେମାନଙ୍କୁ ସ୍କୁଲ ଘରକୁ ସ୍ଥାନାନ୍ତର କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସୂଚନା ଅନୁସାରେ, ବର୍ତ୍ତମାନ ବର୍ଷା ଜଳ ଯୋଗୁ ଟିକରପଡା ଅଞ୍ଚଳର ଗଇଁଦି, ବେହେରା ସାହି, ମଝିପଡା ଭଳି ତିନୋଟି ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଆସନ୍ତାକାଲି ଏହି ସବୁ ଗାଁରେ ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯିବ। ଶନିବାର ପ୍ରାୟ ୧୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କୁ ଶୁଖିଲା ଖାଦ୍ୟ ଓ ଔଷଧ ଯୋଗାଇ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଆଡିଶନାଲ ତହସିଲଦାର ପ୍ରଶାନ୍ତ ସିଂ, ଜିପିଓ, ପିଇଓ ଓ ସ୍ଥାନୀୟ ସରପଞ୍ଚ ଉପସ୍ଥିତ ଥିଲେ।


ଉପଜିଲାପାଳ ଟିକରପଡ଼ା ଅଞ୍ଚଳ ପରିଦର୍ଶନ କରୁଛନ୍ତି।

# ଇଚ୍ଛାପୁରରେ ଅମୃତ ମହୋତ୍ସବ



ବଇଣ୍ଡା,୧୩।୮(ଡି.ଏନ. ଏ.)

କିଶୋରନଗର ବ୍ଲକ ଇଚ୍ଛାପୁର ଗ୍ରାମର ହୃଷୀକେଶ ଉଚ୍ଚ ବିଦ୍ୟାପୀଠଠାରେ ଶୁକ୍ରବାର ଅମୃତ ମହୋତ୍ସବ ସମାରହ ସମିତି ଅନୁଗୋଳ କିଶୋରନଗର ଖଣ୍ଡ ସଂଯୋଜକ ଅସିତ ସାହୁଙ୍କ ତତ୍ତ୍ୱାବଧାନରେ ଅମୃତ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜଳି ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ମୁଖ୍ୟବକ୍ତା ଶିକ୍ଷକ ନିତ୍ୟାନନ୍ଦ ବାରିକ, ଅନ୍ୟତମ ଅତିଥି ସରପଞ୍ଚ ନୟନୀ ବେହେରା, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଅର୍ଜୁନ ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଥମେ ତ୍ରିରଙ୍ଗା ଶୋଭାଯାତ୍ରା କରାଯିବା ପରେ ବିଭିନ୍ନ ପ୍ରତିଯୋଗିତା ଯଥା ଶିଶୁମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅମୃତ ମହୋତ୍ସବ ସମାରୋହ ସମିତି ଦ୍ୱାରା ପୁରସ୍କାର ବଣ୍ଟନ କରାଯାଇଥିଲା। ଉତ୍ତମ ମାଟିଆରୀ, ମନୋରଞ୍ଜନ ସାହୁ, ଭାଗିରଥି ସାହୁ, ଅରୁଣ ପ୍ରଧାନ, ବିଶ୍ୱନାଥ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସହକାରୀ ଶିକ୍ଷକ କ୍ଷିତିଜାରଞ୍ଜନ ଦେହୁରୀ ଧନ୍ୟବାଦ ଦେଇଥିଲେ।

# ଜାତୀୟ ପତାକା ବଣ୍ଟନ କାର୍ଯ୍ୟକ୍ରମ

ଆଠମଲ୍ଲିକ/ କଣିହାଁ୧୩।୮(ଡି.ଏନ.ଏ.)

ଆଠମଲ୍ଲିକ ଏନ୍ଏସି ପକ୍ଷରୁ ହର ଘର ଜାତୀୟ ପତାକା ବଣ୍ଟନ କାର୍ଯ୍ୟକ୍ରମ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏନ୍ଏସି ଅଧକ୍ଷା ଆଶା କୁମାରୀ ସାହୁ, ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନାଙ୍କ ନେତୃତ୍ୱରେ ପୌର କର୍ମଚାରୀମାନେ ସହରର ପ୍ରତ୍ୟେକ ବଜାର ଓ ପ୍ରତି ୱାର୍ଡକୁ ଯାଇ ଜାତୀୟ ପତାକା ବଣ୍ଟନ କରିଥିଲେ। କଣିହାଁ ପଞ୍ଚାୟତ ତରଫରୁ ଶୁକ୍ରବାର ଓ ଶନିବାର ଜାତୀୟ ପତାକା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସରପଞ୍ଚ ରଞ୍ଜିତା ବେହେରାଙ୍କ ସହଯୋଗୀ ଦେବେନ୍ଦ୍ର ବାରିକ ପଞ୍ଚାୟତବାସୀଙ୍କ ସହିତ ବ୍ଲକ ମହକୁମାର ସମସ୍ତ ସରକାରୀ କାର୍ଯ୍ୟାଳୟ ଅଧିକାରୀଙ୍କ ସହିତ ବିଭିନ୍ନ ଅନୁଷ୍ଠାନକୁ ୫ ହାଜରରୁ ଉର୍ଦ୍ଧ୍ୱ ଜାତୀୟ ପତାକା ବାଣ୍ଟିଥିଲେ।



# ଅଣ୍ଡର ପାସ ନ ହେଲେ ଆନ୍ଦୋଳନ ଚେତାବନୀ

ତାଳଚେର,୧୩।୮(ନି.ପ୍ର)

ତାଳଚେରରେ ବର୍ତ୍ତମାନ ଗମନାଗମନ କ୍ଷେତ୍ରରେ ଘୋର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଗୋଟିଏ ପଟେ କୋଇଲା ବୋଝେଇ ଟ୍ରକ ଯୋଗୁ ଟ୍ରାଫିକ ଜାମ ହେଉଥିବାବେଳେ ଅନ୍ୟପଟେ ରେଳ ଯୋଗେ ସେହି କୋଇଲା ୱାଗନ ପରିବହନ ପାଇଁ ଘଣ୍ଟା ଘଣ୍ଟା ଧରି ପଥଚାରୀଙ୍କ ପଥ ଉଗାଳୁଛି। ଫଳରେ ଜନସାଧାରଣ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଶନିବାର ଢେଙ୍କାନାଳ ଏମ୍ପି ମହେଶ ସାହୁ ଏକ ଜରୁରୀ କାର୍ଯ୍ୟକ୍ରମ ପାଇଁ ତାଳଚେର ଥର୍ମାଲ ଆବାସିକ କାର୍ଯ୍ୟାଳୟରୁ ବାହାରି ଆନନ୍ଦ ବଜାର ବାଟ ଦେଇ ଯିବାବେଳେ ରାସ୍ତା ଜାମ ଦେଖିବାକୁ ପାଇଥିଲେ। ସେଠାରୁ ଗାଡି ବୁଲାଇ ତାଳଚେର ରେଳ ଷ୍ଟେସନ ଦେଇ ହରିହରପୁରକୁ ଯିବା ପାଇଁ ବାହାରିବାବେଳେ ବନ୍ତୁଲ ରେଳ ଫାଟକରେ ଦୀର୍ଘସମୟ ଧରି ଏକ ଟ୍ରେନ ଅଟକି ରହିଥିଲା। ଫଳରେ ଏମ୍ପିଙ୍କ ସମେତ ବହୁ ବାଇକ ଚାଳକ, ବାଟୋଇ, ଛାତ୍ରୀଛାତ୍ର, ସରକାରୀ କର୍ମଚାରୀ, ବ୍ୟବସାୟ ପ୍ରତିଷ୍ଠାନ କର୍ମଚାରୀମାନେ ଅଟକି ରହିଥିଲେ। କୌଣସି ପରିସ୍ଥିତିରେ ରେଳ ଫାଟକକୁ ଅତି ବେଶିରେ ପାଞ୍ଚ ମିନିଟରୁ ଅଧିକ ସମୟ ବନ୍ଦ କରିବା ନିୟମ ବିରୋଧୀ। କିନ୍ତୁ ତାଳଚେରରେ ଦୈନିକ ଟ୍ରେନ ଚଳାଚଳ କରିବାବେଳେ ଏହି ନିୟମକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରାଯାଉଥିବା ଏମ୍ପି ସାହୁ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ସେହିପରି ଥର୍ମାଲ ବଲଣ୍ଡା କନଭେୟର ରାସ୍ତା, ଥର୍ମାଲ ହାଣ୍ଡିଧୂଆଁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ସେହି ରାସ୍ତାକୁ ଶୀଘ୍ର ମରାମତି ସହ ବନ୍ତୁଲ ରେଳ ଫାଟକଠାରେ ସାଧାରଣ ଲୋକଙ୍କ ପାଇଁ ଅଣ୍ଡର ପାସ ରାସ୍ତା କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଏମ୍ପି ଚେତାବନୀ ଦେଇଛନ୍ତି।

# କଠିନ ପରିଶ୍ରମ ସଫଳତା ଦିଏ


କାର୍ଯ୍ୟକ୍ରମରେ ଉପସ୍ଥିତ ଅଧକ୍ଷଙ୍କ ସମେତ କୃତୀ ଛାତ୍ରୀଛାତ୍ରମାନେ।

ଆଠମଲ୍ଲିକ,୧୩।୮(ଡି.ଏନ.ଏ.)

ଆଠମଲ୍ଲିକ କନିଷ୍ଠ ମହାବିଦ୍ୟାଳୟ ପରିସରରେ ଚଳିତ ବର୍ଷ ଯୁକ୍ତ ୨କଳା ଓ ବିଜ୍ଞାନ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ କଲେଜ ତରଫରୁ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ଆଦିତ୍ୟ କୁମାର ସାହୁ ଯୋଗଦେଇ କଠିନ ପରିଶ୍ରମ କଲେ ଜୀବନରେ ପ୍ରତି କ୍ଷେତ୍ରରେ ସଫଳତା ମିଳିଥାଏ ବୋଲି ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପକ ବ୍ରଜଗୋପାଳ ମିଶ୍ର, ଅଧାପକ ଲକ୍ଷ୍ମୀକାନ୍ତ ମେହେର, ଅଧାପକ ଗୋପବନ୍ଧୁ ପ୍ରଧାନ, ଅଧାପକ ହୃଷୀକେଶ ମହାକୁଡ଼, ଅଧାପକ ଗଗନ ମିଶ୍ର, ଅଧାପକ ମାନଭଞ୍ଜନ ପାଣିଗ୍ରାହୀ, ଅଧାପିକା ଜ୍ୟୋତିର୍ମୟୀ ମହାପାତ୍ର, ଅଧାପିକା ଅର୍ପିତା ଅଞ୍ଜଳି ଗୁରିଆ ପ୍ରମୁଖ ଉପସ୍ଥିତ ଥିଲେ।

# ରାଷ୍ଟ୍ରୀୟ ଲୋକ ଅଦାଲତ


କାର୍ଯ୍ୟକ୍ରମରେ ଉପସ୍ଥିତ ଆଇନସେବା ପ୍ରାଧିକରଣ ଅଧକ୍ଷଙ୍କ ସମେତ ଅନ୍ୟମାନେ।

ଅନୁଗୋଳ ଅଫିସ, ୧୩।୮

ଅନୁଗୋଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ୩୯ ପ୍ରାକ ମୋକଦ୍ଦମା ଜନିତ ମାମଲା ଫଇସଲା କରାଯାଇଥିଲା। ୧୩୪ ବ୍ୟାଙ୍କ ସମ୍ପର୍କିତ ମାମଲା, ୫ଟି ଜନଉପଯୋଗୀ ସେବା ମାମଲାର ଫଇସଲା କରାଯାଇଛି। ସର୍ବମୋଟ୍ ୩୪୩୧ଟି ବିଚାରାଧୀନ ମାମଲାର ଫଇସଲା ହୋଇଛି। ସେଥିମଧ୍ୟରୁ ୩୬ଟି ମୋଟରଯାନ ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ ୨କୋଟି ୭୧ଲକ୍ଷ ୧୩ହଜାର ଟଙ୍କାର କ୍ଷତିପୂରଣ ପ୍ରଦାନ କରାଯାଇଥିଲା। ସେହିଭଳି ୧୧ଟି ଚେକ ବାଉନ୍ସ ମାମଲା ଏବଂ ୨୩ଟି ଦେୱାନୀ ମାମଲାର ସମାଧାନ କରାଯାଇଥିଲା। ୧୧ଟି ବିଚାରାଧୀନ ବ୍ୟାଙ୍କ ସମ୍ପର୍କିତ ମାମଲା, ୨୧ଟି ପାରିବାରିକ ମାମଲା (ଛାଡପତ୍ର ବ୍ୟତୀତ), ୩୩୨୯ଟି ଫୌଜଦାରି ମାମଲାର ସମାଧାନ କରାଯାଇଥିଲା। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ତାଳଚେର, ଆଠମଲ୍ଲିକ, ପାଲଲହଡା, ଛେଣ୍ଡିପଦା ଓ ବଅଁରପାଳରେ ଥିବା ଅଦାଲତ ଗୁଡିକ ଅଂଶଗ୍ରହଣ କରିଥିଲେ। ଜିଲା ଓ ଦୌରା ଜଜ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧକ୍ଷଙ୍କ ତତ୍ତ୍ୱାବଧାନରେ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଅନୁଗୋଳ ଅଦାଲତର ବିଚାରପତିଗଣ, ସରକାରୀ ଓକିଲ, ଅନୁଗୋଳ କୋର୍ଟର ଆଇନଜୀବୀ, କୋର୍ଟ, ଜିଲା ଆଇନସେବା ପ୍ରାଧିକରଣ ଓ ବିଭିନ୍ନ ବ୍ୟାଙ୍କର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ମା’ ରାମଚଣ୍ଡୀଙ୍କ ବାର୍ଷିକ ପୂଜା

ଛେଣ୍ଡିପଦା,୧୩।୮(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ କୋଶଳାର ଅଧିଷ୍ଠାତ୍ରୀ ଦେବୀ ମା’ ରାମଚଣ୍ଡୀଙ୍କ ବାର୍ଷିକ ପୂଜା ଓ ଐତିହାସିକ ଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ପାଗ କୋହଲା ସତ୍ତ୍ୱେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ରୀତିନୀତି ଅନୁସାରେ ପ୍ରଥମେ ମା’ଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ମନ୍ଦିର ପରିଚାଳନା କମିଟି, ଟ୍ରଷ୍ଟ ସଭ୍ୟ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଲୋକନାଥ ପ୍ରଧାନଙ୍କ ସ୍ତ୍ରୀ ଗୌରୀ ପ୍ରଧାନ ସକାଳେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଚଳିତ ବର୍ଷ ୩ ଜଣ ପୁରୁଷଙ୍କ ସମେତ ୫୪ ଜଣ ମହିଳା ବିଭିନ୍ନ ମାନସିକ ନେଇ ଠାକୁରାଣୀଙ୍କ ନିକଟରେ ଅଧିଆ ପଡିଥିଲେ। ଅପରାହ୍ନ ୪ଟାରେ ମନ୍ଦିରର ମୁଖ୍ୟ ପୂଜକ ପଟାୟତ ଦେହୁରୀ ପୂଜା ସମାପ୍ତ କରି ମାନସିକ ଧାରୀଙ୍କୁ ଭୋଗ ଦେଇଥିଲେ। ଗ୍ରାମବାସୀ ଓ ଟ୍ରଷ୍ଟବୋର୍ଡ ସଭ୍ୟାସଭ୍ୟଙ୍କ ଦ୍ୱାରା ଯାତ୍ରା ପରିଚାଳନା କରାଯାଇଥିଲା। ପୂଜାକୁ ସରସ ସୁନ୍ଦର କରିବା ପାଇଁ ମା’ ରାମଚଣ୍ଡୀ ଠାକୁରାଣୀ ଟ୍ରଷ୍ଟବୋର୍ଡ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ସ୍ୱାସ୍ଥ୍ୟବିଭାଗର ଅଧିକାରୀମାନେ ଉପସ୍ଥିତ ରହି ସ୍ୱାସ୍ଥ୍ୟସେବା ଉପରେ କାର୍ଯ୍ୟ କରିଥିଲେ। ମନ୍ଦିର ଟ୍ରଷ୍ଟ ପକ୍ଷରୁ ଭକ୍ତମାନଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରଯାଇଥିଲା। ଟ୍ରଷ୍ଟ ବୋର୍ଡ ଓ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସ୍ୱାସ୍ଥ୍ୟସେବା, ପାନୀୟଜଳ, ସୂଚନାକେନ୍ଦ୍ର, ମୁଣ୍ଡନ, ଧାରଣା ଓ ଆଲୋକ ବ୍ୟବସ୍ଥା ସହ ଶାନ୍ତିଶୃଙ୍ଖଳା ପାଇଁ ସ୍ୱେଚ୍ଛାସେବୀ ସଙ୍ଗଠନକୁ ନିୟୋଜିତ କରାଯାଇଛି। ଅସାମାଜିକ କାର୍ଯ୍ୟକଳାପ ରୋକିବା ପାଇଁ ମନ୍ଦିର ଚତୁଃପାର୍ଶ୍ୱରେ ସିସିଟିଭି କ୍ୟାମେରା ଲଗାଯାଇଛି। କୋଶଳା ଗ୍ରାମ୍ୟ କମିଟି ସଭାପତି ବ୍ରଜକିଶୋର ସାହୁ, ରାମଚଣ୍ଡୀ ମନ୍ଦିର ଟ୍ରଷ୍ଟ ସଭାପତି ଉଦିତ ପ୍ରଧାନ, ସମ୍ପାଦକ ସିଦ୍ଧାର୍ଥ ଶଙ୍କର ସାହୁ ଉପସ୍ଥିତ ଥିଲେ। ଅନୁଗୋଳ ଅତିରିକ୍ତ ଆରକ୍ଷୀ ଅଧିକାରୀ ପ୍ରସନ୍ନ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଏସ୍‌ଡିପିଓ ଭବାନୀଶଙ୍କର ଉଦ୍‌ଗାତା, ଛେଣ୍ଡିପଦା ଥାନା ଅଧିକାରୀ ଧୀରେନ କୁମାର ବେହେରା, ଅନୁଗୋଳ ସଦର ଥାନା ସହକାରୀ ଇନ୍ସପେକ୍ଟର ବି.ବି. ଜୟପୁରିଆଙ୍କ ସମେତ ୮ଜଣ ଏସଆଇ, ୯ଜଣ ଏଏସ୍ଆଇଙ୍କ ସମେତ ୩ ପ୍ଲାଟୁନ ପୋଲିସ ଫୋର୍ସ ଓ ହୋମଗାର୍ଡ ମୁତୟନ କରାଯାଇଛି। ଦମକଳ ବାହିନୀ ପକ୍ଷରୁ ମଧ୍ୟ କର୍ମଚାରୀ ମାନେ ନିୟୋଜିତ ହୋଇଛନ୍ତି। ଅନୁଗୋଳ ଛେଣ୍ଡିପଦା ୬୩ ନଂ ରାଜ୍ୟ ରାଜପଥକୁ ଭକ୍ତଙ୍କ ଭିଡ ଦୃଷ୍ଟିରୁ ବାଇପାସ୍ ରାସ୍ତାରେ ଯାନବାହନ ଯିବାର ବ୍ୟବସ୍ଥା କରାଯାଇଥିଲା। ଅନୁଗୋଳ ଓ ଛେଣ୍ଡିପଦା ଦିଗରୁ ଆସୁଥିବା ସମସ୍ତ ବସ୍ ଭିଡ଼ ହୋଇଥିବା ପରିଲକ୍ଷିତ ହୋଇଥିଲା। ଶାନ୍ତିଶୃଙ୍ଖଳାର ସହ ଯାତ୍ରା ସମାପ୍ତ ହୋଇଥିବା ଜଣାପଡିଛି।


ପୀଠସ୍ଥଳୀରେ ମା’ଙ୍କ ପୂଜାର୍ଚ୍ଚନା ଚାଲିଛି।


ମାନସିକଧାରୀମାନେ ଅଧିଆ ପଡ଼ିଛନ୍ତି।


ଯାତ୍ରାରେ ସମାଗମ ହୋଇଥିବା ଶ୍ରଦ୍ଧାଳୁମାନେ।



ଅନୁଗୋଳ ଭାଜପା ପକ୍ଷରୁ ଶନିବାର ଆୟୋଜିତ ୩୦୦ ମିଟର ଦୀର୍ଘ ତ୍ରିରଙ୍ଗା ଶୋଭାଯାତ୍ରା ସହରର ପରିକ୍ରମା କରୁଛି।

## ଲୁହା ଛଡ଼ ବୋଝେଇ ଟ୍ରକ୍ ଚୋରି ଘଟଣା, ୩ ଗିରଫ

ଅନୁଗୋଳ ଅଫିସ,୧୩।୮

ଅନୁଗୋଳ ସଦର ଥାନା ପଞ୍ଚମହଲାରୁ ସମ୍ବଲପୁର ଅଭିମୁଖେ ଯାଉଥିବା ଏକ ଲୁହା ଛଡ଼ ବୋଝେଇ ଟ୍ରକ ଚଳିତ ମାସରେ ଚୋରି ହୋଇଥିଲା। ଏ ନେଇ ଗତ ୭ ତାରିଖରେ ଟ୍ରକ ମାଲିକଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୫୯୮/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଚୋରି ହୋଇଥିବା ଟ୍ରକକୁ ପୋଲିସ କଟକ ଚୌଦ୍ୱାରରୁ ଜବତ କରିବା ସହ ୫.୮୫ ମେଟ୍ରିକ ଟନ୍ ଛଡ଼ ଜବତ କରିଥିଲା। ଏହି ଘଟଣାରେ ଶନିବାର ଢେଙ୍କାନାଳ ମୋଟଙ୍ଗା ଥାନା କୁରୁଣ୍ଟି ଅଞ୍ଚଳର ଅର୍ଜୁନ ବେହେରା, ଜଗତସିଂହପୁର ଜିଲା ବିରିଡ଼ି ଥାନା ଅଞ୍ଚଳର ଶକ୍ତିରଞ୍ଜନ ନନ୍ଦି ଓ ଖୋର୍ଦ୍ଧା ଜିଲା ବାଲିଅନ୍ତା ଥାନା ଅଞ୍ଚଳର ଶଙ୍କର ସାଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଏହି ଘଟଣାରେ ଟ୍ରକ ଡ୍ରାଇଭରଙ୍କ ସମେତ ୩ ଅଭିଯୁକ୍ତ ଫେରାର ଥିବା ପୋଲିସ ସୂଚନା ଦେଇଛି।

# ଆଜାଦୀ କା ଅମୃତ ମହୋତ୍ସବ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତ କଲେଜ ଅଧ୍ୟକ୍ଷାଙ୍କ ସମେତ ଅଧ୍ୟାପିକା ଅଧ୍ୟାପକମାନେ।

ବଅଁରପାଳ,୧୩।୮(ଡି.ଏନ.ଏ.)

ଅନୁଗୋଳ ଜିଲା ବଅଁରପାଳ ଅଞ୍ଚଳରେ ଗଢି ଉଠିଥିବା ନାରାୟଣୀ ଇଞ୍ଜିନିୟରିଂ କଲେଜ ପରିସରରେ ଆଜାଦୀ କା ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷା ରଶ୍ମିତା ବାଳା ଗଡ଼ନାୟକ ଅଧ୍ୟକ୍ଷତା କରିଥିଲେ। କଲେଜର ସମସ୍ତ ଅଧ୍ୟାପିକାଅଧ୍ୟାପକ ଧଳା ଟି-ଶାର୍ଟ ପରିଧାନ କରି ଅମୃତ ମହୋତ୍ସବ ପାଳନ କରିବା ସହ ଦେଶ ପାଇଁ ବଳିଦାନ ଦେଇଥିବା ମହାନ୍ କ୍ରାନ୍ତିକାରୀଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ନାରାୟଣୀ ଇଞ୍ଜିନିୟରିଂ କଲେଜ ସଭାପତି ତନ୍ମୟ କର, ସମ୍ପାଦକ ବିଭୁଧେନ୍ଦୁ ବଳ, କଲେଜର ଉପ–ଅଧ୍ୟକ୍ଷ ଅମୀୟ ରଞ୍ଜନ ସାହୁ, ଡେପୁଟି ଡାଇରେକ୍ଟର ଦୀପକ ଦେହୁରୀ, ସ୍ୱର୍ଣ୍ଣପ୍ରଭା ସିଂହ, ସୌମ୍ୟରଞ୍ଜନ ପଟ୍ଟନାୟକ, ସୁପ୍ରୀତି ଧର, ଜିତେନ୍ଦ୍ର ମିଶ୍ର, ସିଦ୍ଧାର୍ଥ ଗଡ଼ନାୟକ, ସୁଜିତ ପ୍ରଧାନ, ଆଲୋକ ବେହେରା, ମୁଖ୍ୟ କିରାଣି ସୁରେଶ ଚନ୍ଦ୍ର କର, କୋଷାଧ୍ୟକ୍ଷ ବିଶିକେସନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଲୋକ ସମ୍ପର୍କ ଅଧିକାରୀ ଶଶାଙ୍କ ଶେଖର ସାମଲ ପରିଚାଳନା କରିଥିଲେ।

## ସଂକ୍ଷେପରେ

### କର୍କଟ ରୋଗୀଙ୍କୁ ଆର୍ଥିକ ସହାୟତା

ଆଠମଲ୍ଲିକ,୧୩।୮(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ କିଆକଟା ଗ୍ରାମର କର୍କଟ ଆକ୍ରାନ୍ତ ସାନନ୍ଦ ଗୁରୁଙ୍କୁ ଶନିବାର କିଆକଟା ଆଞ୍ଚଳିକ ସଂସଦର କର୍ମକର୍ତ୍ତାମାନେ ୫ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି। ଅନୁଷ୍ଠାନ ତରଫରୁ ପ୍ରତାପ ଚନ୍ଦ୍ର କର୍ଣ୍ଣ, ସୁମନ୍ତ ସାହୁ, ଶୁଭେନ୍ଦୁ ବଘାର, ସୁମନ୍ତ ପ୍ରଧାନ, ସମ୍ବିତ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସାନନ୍ଦଙ୍କ ଆଶୁ ଆରୋଗ୍ୟ କାମନା ସହିତ ସହାୟତା ରାଶି ପ୍ରଦାନ କରିଥିଲେ। ସେହିପରି ମାଧପୁର ଆରିୟନ ଫାଉଣ୍ଡେସନର ରତ୍ନକାନ୍ତ ସାହୁ ଉପସ୍ଥିତ ରହି ୨ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି। ଆଞ୍ଚଳିକ ସେବା ସଂସଦ ପକ୍ଷରୁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରି ସାନନ୍ଦଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି।

### ଗଙ୍ଗାଧର ମେହେର ଜୟନ୍ତୀ



ତାଳଚେର,୧୩।୮(ନି.ପ୍ର)- ସ୍ଥାନୀୟ ମହାନଦୀ କୋଲ୍ ଫିଲ୍ଡ ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଡି.ଏ.ଭି. ପବ୍ଲିକ୍ ସ୍କୁଲ ପରିସରରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଛି। ବିଦ୍ୟାଳୟ ଅଧକ୍ଷା ଜ୍ୟୋତି ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଗଙ୍ଗାଧର ମେହେରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରତିମା ଆଚାର୍ଯ୍ୟ ଏବଂ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଓଡିଆ ଭାଷା ଭିତ୍ତିକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଗଙ୍ଗାଧର ମେହେରଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଶିକ୍ଷକ କରୁଣାକର ସାହୁ ମଞ୍ଚ ସଞ୍ଚାଳନ କରିଥିବାବେଳେ ଶିକ୍ଷୟିତ୍ରୀ ସସ୍ମିତା ମଞ୍ଜରୀ ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସୁଧାଂଶୁ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ରୀତାରାଣୀ ତ୍ରିପାଠୀ, ଚିତ୍ତରଞ୍ଜନ କର, ସୁନନ୍ଦା ଦାସ, ଦୀପକ ମହାନ୍ତି, ସାଗରିକା ନାୟକ, ସବ୍ୟସାଚୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ‘ଦୁର୍ବଳ ବର୍ଗର ବିକାଶରେ ଦେଶର ଉନ୍ନତି’

ଅନୁଗୋଳ ଅଫିସ, ୧୩।୮

ଅନୁଗୋଳସ୍ଥିତ ବାଜିରାଉତ ଛାତ୍ରାବାସ ପରିସରରେ ରାଷ୍ଟ୍ରୀୟ ଯୁବା ସଙ୍ଗଠନ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ୩ ଦିନିଆ ଜିଲାସ୍ତରୀୟ ସର୍ବୋଦୟ ଦିଶା ଦର୍ଶନ ଶିବିର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରାଧ୍ୟାପକ ଡ. କୁମୁଦ ଚନ୍ଦ୍ର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, କାବ୍ୟକବିତା ମାଧ୍ୟମରେ କବିମାନେ ବିଭିନ୍ନ ସମୟରେ ଗାନ୍ଧୀ ଦର୍ଶନକୁ ଉପସ୍ଥାପିତ କରିଛନ୍ତି। ମହାତ୍ମା ସର୍ବଦା ଗାଁ ବିକାଶକୁ ଗୁରୁତ୍ୱ ଦେଉଥିଲେ। ଦୁର୍ବଳ ବର୍ଗର ଉନ୍ନତି ହେଲେ ଦେଶର ଉନ୍ନତି ହୋଇପାରିବ। ଏଥିପାଇଁ କବି ଭାବେ ନୁହେଁ, ବରଂ କର୍ମୀ ଭାବେ କାର୍ଯ୍ୟ କଲେ ଦୁର୍ବଳ ଲୋକଙ୍କ ଉନ୍ନତି ହୋଇପାରିବ। ସର୍ବୋଦୟ ଦିଶା ଦର୍ଶନ ଶିବିର କର୍ମୀ ନିର୍ମାଣ ହୋଇପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ। ଉଦ୍‌ଘାଟକ ଭାବେ ଯୋଗଦେଇ ସଙ୍ଗଠନର ମାର୍ଗଦର୍ଶିକା ତଥା ବିଶିଷ୍ଟ ସର୍ବୋଦୟ ନେତ୍ରୀ କୃଷ୍ଣା ମହାନ୍ତି କହିଲେ, ଗ୍ରାମ୍ୟଗୋଷ୍ଠୀ ଆତ୍ମନିର୍ଭର ହେଲେ ଦେଶ ଉନ୍ନତି ପଥରେ ଆଗେଇପାରିବ। ସମ୍ମାନିତ ଅତିଥି ଭାବେ ନନ୍ଦକିଶୋର ମହାକୁଡ଼, ନିର୍ମଳା ମହାକୁଡ, କୈଳାସ ସାହୁ, ଶିଶିର ଶତପଥୀ, ସରସ୍ୱତୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବାଜି ରାଉତ ଛାତ୍ରାବାସ ସମ୍ପାଦକ ଧନେଶ୍ୱର ସାହୁ, ରାଷ୍ଟ୍ରୀୟ ଯୁବା ସଙ୍ଗଠନର ପ୍ରାକ୍ତନ ରାଜ୍ୟ ସଂଯୋଜକ ଆଦ୍ୟଶ୍ଳୋକ ମିଶ୍ର, ରାଜ୍ୟ ସଂଯୋଜକ ସୂର୍ଯ୍ୟନାରାୟଣ ନାଥ ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ ଅଧିବେଶନରେ ଶିଶିର ଶତପଥୀ, ଅଧ୍ୟାପକ ଶାନ୍ତନୁ ସର ଏବଂ ପ୍ରଫେସର ନନ୍ଦକିଶୋର ମହାକୁଡ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ରାଷ୍ଟ୍ରୀୟ ସମିତି ସଦସ୍ୟ ମାନସ ପଟ୍ଟନାୟକ ଗାନ୍ଧୀ ଦର୍ଶନ, କୋଷାଧ୍ୟକ୍ଷ ଶଙ୍କର ବେହେରା ଚରଖା ଚାଳନା ଶିଖାଇଥିଲେ। ପ୍ରାରମ୍ଭରେ ଲିପିକା ମହାପାତ୍ର, ମାମାଲି ଗଡ଼ନାୟକ ସଙ୍ଗୀତ ଗାନ କରିଥିଲେ। ଅନୁଗୋଳ ଏବଂ ଢେଙ୍କାନାଳ ଜିଲାର ୬୦ ଶିବିରାର୍ଥୀ ଏଥିରେ ଯୋଗଦେଇଥିଲେ। ଉପମା ନାୟକ, ସୁଜାତା ପ୍ରୀତିନନ୍ଦା, ପ୍ରିୟଙ୍କା, ଛବିନ୍ଦ୍ର ନାୟକ, ସାଗର ଦାସ, ତ୍ରିଲୋଚନ ମଲ୍ଲ, ଛୋଟରାୟ ମାଝି, ଆଶୁତୋଷ ହୋତା, ପ୍ରଦୀପ ରାଉତ, ଆକାଶ ପ୍ରଧାନ, ରଶ୍ମିରଞ୍ଜନ ବିଶ୍ୱାଳ, ପ୍ରତିମା ନାୟକ ପ୍ରମୁଖ ଶିବିର ପରିଚାଳନା କରୁଛନ୍ତି।



ଅତିଥିମାନେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

୩ଦିନିଆ ଦିଶା ଦର୍ଶନ ଶିବିର

# ୧୪୪ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ




ଜଣେ ଛାତ୍ରୀଙ୍କୁ ଅତିଥି ପୋଷାକ ବଣ୍ଟନ କରୁଛନ୍ତି।

ବଇଣ୍ଡା,୧୩।୮(ଡି.ଏନ.ଏ.)

କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ ସାନ ଗୋବିନ୍ଦପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ କଲ୍ୟାଣ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଦୀପ୍ତିମୟୀ ସାହୁ ଯୋଗଦେଇ ୧୪୪ ଛାତ୍ରୀଛାତ୍ରଙ୍କୁ ୨ ହଳ ଲେଖାଏଁ ପୋଷକ ସହ ଜୋତା ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷକ ରଞ୍ଜନ କୁମାର ବିଶ୍ୱାଳ, କୁମାର ଭୋଇ, ଅନୀତା ଧଳ, ସୁଷମା ସାହୁଙ୍କ ସମେତ ଶିକ୍ଷା କମିଟିର ସଦସ୍ୟମାନେ ଯୋଗ ଦେଇଥିଲେ।

# ବୃକ୍ଷରୋପଣ ଦ୍ୱାରା ତାପମାତ୍ରା ହ୍ରାସ ପାଇବ

ବଇଣ୍ଡା,୧୩।୮(ଡି.ଏନ.ଏ.)

ଶିଳ୍ପ କଳ କାରଖାନା ସହ ରାସ୍ତା ନିର୍ମାଣ ପାଇଁ ବହୁ ବୃକ୍ଷ ଲୋପ ପାଇଛି। ଫଳରେ ପ୍ରତ୍ୟେକ ବର୍ଷ ଖରାଦିନେ ତାପମାତ୍ରା ବୃଦ୍ଧି ପାଉଛି। ତେଣୁ ସମସ୍ତେ ଏବେ ନିଜ ଅଗଣାରେ ଗୋଟିଏ ଗଛ ଲଗାଇବା ଆବଶ୍ୟକ। ବୃକ୍ଷରୋପଣ ଦ୍ୱାରା ତାପମାତ୍ରା ହ୍ରାସ ପାଇବ ବୋଲି ଶନିବାର କିଶୋରନଗର ବ୍ଲକ ରାଣିଆକଟା ଠାରେ ଥିବା ଆଦର୍ଶ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ସମସ୍ତଙ୍କୁ ଗଛ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି କାଳନ୍ଦୀ ଚରଣ ପ୍ରଧାନ, ରାଣିଆକଟା ସରପଞ୍ଚ ସୁଲୋଚନା ପ୍ରଧାନ, କଦଳୀମୁଣ୍ଡା ସରପଞ୍ଚ ପ୍ରଶାନ୍ତ ସେଠୀ, ମାଧପୁର ରେଞ୍ଜର ସନ୍ତୋଷ କୁମାର ଭୋଇ, ବିଜେଡି ନେତା ତାପସ କୁମାର ସାହୁ, ତିମିର ନାୟକ, ଦୀପକ ଦେହୁରୀ, ପୂର୍ବତନ ସରପଞ୍ଚ ଅନୀତା ଦାସଙ୍କ ସମେତ ବହୁ ବିଜେଡି ନେତା ଯୋଗଦେଇଥିଲେ। ଏଥିରେ ଆମ୍ବ, ପଣସ, ଜାମୁ, ଅଁଳା ଭଳି ଶତାଧିକ ଚାରାରୋପଣ କରାଯାଇଥିଲା।




ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ଇସ୍କନରେ ଜନ୍ମାଷ୍ଟମୀ ପାଳନ ପ୍ରସ୍ତୁତି

ଅନୁଗୋଳ ଅଫିସ୍, ୧୩।୮

କରୋନା କଟକଣା ହଟିବା ପରେ ଚଳିତବର୍ଷ ଅନୁଗୋଳ ଇସ୍କନ୍‌ରେ ଆଡମ୍ବର ସହକାରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ ହେବ। ଏହାକୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବାକୁ ଗତ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ୧୮ରୁ ଦୁଇଦିନ ଧରି ଇସ୍କନ ମନ୍ଦିର ପରିସରରେ ଠାକୁରଙ୍କ ସମସ୍ତ ନୀତି ହେବ। ୨୦ ତାରିଖରେ ନନ୍ଦୋତ୍ସବ ସହ ଇସ୍କନ ପ୍ରତିଷ୍ଠାତା ଆଚାର୍ଯ୍ୟ ଭକ୍ତି ବେଦାନ୍ତ ସ୍ୱାମୀ ପ୍ରଭୁପାଦଙ୍କ ଆବିର୍ଭାବ ଉତ୍ସବ ପାଳନ କରାଯିବ। ଏହି ଉପଲକ୍ଷେ ସନ୍ଧ୍ୟାରେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ଅନୁଗୋଳ ଜିଲାପାଳ ଯୋଗଦେବେ। ଏଥିରେ ବହୁସଂଖ୍ୟାରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଇସ୍କନର ଶାଖା ପରିଚାଳକ ପୁରୁଷୋତ୍ତମ ଦାସ ଅନୁଗୋଳବାସୀଙ୍କୁ ନିବେଦନ କରିଛନ୍ତି।

# ଷ୍ଟ୍ରିଟ୍ ଭେଣ୍ଡର ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ



ତାଳଚେର,୧୩।୮(ନି.ପ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦକ୍ଷତା ବିକାଶ ମନ୍ତ୍ରଣାଳୟ ଆନୁକୂଲ୍ୟରେ ତାଳଚେର ହାଟତୋଟାଠାରେ ଚାଲିଥିବା ଷ୍ଟ୍ରିଟ୍ ଭେଣ୍ଡର ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭାରତ ସରକାରଙ୍କ କ୍ଷୁଦ୍ର ଶିଳ୍ପ ନିଗମର ସ୍ୱାଧୀନ ଡାଇରେକ୍ଟର କାଳନ୍ଦୀ ସାମଲ ଯୋଗଦେଇ କହିଲେ, କେନ୍ଦ୍ର ସରକାର ସବୁ ବର୍ଗର ଲୋକଙ୍କ ବିକାଶ ପାଇଁ କାର୍ଯ୍ୟରତ। କ୍ଷୁଦ୍ର ବ୍ୟବସାୟୀ ତଥା ଉଠା ଦୋକାନୀଙ୍କ ଆୟ କିପରି ବୃଦ୍ଧି ହୋଇପାରିବ ସେଥିପାଇଁ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଥିବା ସେ ପ୍ରକାଶ କରିଥିଲେ। ଏହି କର୍ମଶାଳାରେ ଏନ୍‌ଏସ୍‌ଡିସି ସ୍କିଲ ଡେଭଲପମେଣ୍ଟ ବିଭାଗର ଅଧିକାରୀ ଓ ଟ୍ରେନର ଶାନ୍ତନୁ ଷଡ଼ଙ୍ଗୀ, ସ୍ୱରୂପ ମହାନ୍ତି, ମନୋଜ ବେହେରା, ବାସୁଦେବ ପ୍ରଧାନ, ସିପୁନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ତାଳଚେର ଅଞ୍ଚଳରୁ ସର୍ବ ମୋଟ ୨୦୮ ଜଣ ଉଠା ଦୋକାନୀ ନାମ ପଞ୍ଜୀକରଣ କରି ଟ୍ରେନିଂରେ ଭାଗ ନେଇଥିଲେ। ସମସ୍ତଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ସାମଲ ଉପସ୍ଥିତ ସମସ୍ତ ଉଠା ଦୋକାନୀଙ୍କୁ ଜାତୀୟ ପତାକା ବଣ୍ଟନ କରିଥିଲେ।

# ବନ୍ୟାଜଳରେ ବୁଡ଼ିଲା ବିନିକେୟୀ ରାସ୍ତା



ବନ୍ୟାଜଳରେ ବିନିକେୟୀ ପୀଠ ପାହାଚ ବୁଡ଼ିଯାଇଛି।

ଆଠମଲ୍ଲିକ,୧୩।୮(ଡି.ଏନ.ଏ.)

ମହାନଦୀ ଅବବାହିକାରେ ଥିବା ଆଠମଲ୍ଲିକ ଅଞ୍ଚଳର ଜାମୁଡୋଲୀ ପଞ୍ଚାୟତ ବିନିକେୟୀ ପୀଠର ରାସ୍ତା ଓ ପାହାଚ ମହାନଦୀରେ ଆସିଥିବା ପ୍ରଥମ ବନ୍ୟାଜଳରେ ବୁଡ଼ିଯାଇଛି। ଲଘୁଚାପ ଜନିତ ଲଗାଣ ବର୍ଷା ସାଙ୍ଗକୁ ହୀରାକୁଦ ନଦୀବନ୍ଧର ଉଦବୃତ୍ତ ଜଳ ମହାନଦୀରେ ମିଶିବା ଦ୍ୱାରା ଜଳସ୍ତର ବୃଦ୍ଧିପାଇଛି। ଫଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସହ ବହୁ ଚାଷ ଜମି ବନ୍ୟା ଜଳରେ ବୁଡି ରହିଥିବା ଦେଖାଯାଇଛି।

# କଳମଛୁଇଁ ସରସ୍ୱତୀ ଶିଶୁମନ୍ଦିର ପକ୍ଷରୁ ତ୍ରିରଙ୍ଗା ଯାତ୍ରା

ତାଳଚେର/କଣିହାଁ
୧୩।୮(ନି.ପ୍ର)(ଡି.ଏନ.ଏ.)

ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା ଅଭିଯାନର ବାର୍ତ୍ତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପ୍ରଧାନାଚାର୍ଯ୍ୟ ଅନିଲ କୁମାର ଦେହୁରୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଶିକ୍ଷାବିତ୍ ଦିବାକର ବାରିକ, ସମ୍ମାନିତ ଅତିଥି ଭାବେ ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, ଯୁଗ୍ମ ସମ୍ପାଦକ ତପନ କୁମାର ସାହୁ ପ୍ରମୁଖଉପସ୍ଥିତ ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ୭୫ମିଟର ଲମ୍ବ ବିଶିଷ୍ଟ ଜାତୀୟ ପତାକାକୁ ହାତରେ ଧରି ଶୋଭାଯାତ୍ରାରେ ସମଗ୍ର ଗ୍ରାମ ପରିକ୍ରମା କରିଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ବୀରେନ୍ ପ୍ରଧାନ, ତ୍ରିଲୋଚନ ବେହେରା, ଅଜୟ ସାହୁ, ମଳୟ ଦାସ, ଦମୟନ୍ତୀ ନନ୍ଦ, ପ୍ରକାଶ ପ୍ରଧାନ, ଟୁନିତା ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶୋଭାଯାତ୍ରାରେ ବିଦ୍ୟାଳୟର ଆଠଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଗୁରୁଜୀଗୁରୁମା ଓ ଅଭିଭାବକମାନେ ସାମିଲ ଥିଲେ। ସେହିପରି ଶୁକ୍ରବାର ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏକ ସାଇକେଲ୍ ଶୋଭାଯାତ୍ରାରେ ତ୍ରିରଙ୍ଗା ପତାକା ଧରି କଳମଛୁଇଁ, ବଡଦାଣ୍ଡ ସାହି, ମଝିକା, ବାଉଁଶଗାଡିଆ ସାହି, କାଳୀକାପ୍ରସାଦ ଗ୍ରାମ ଦେଇ ବିଦ୍ୟାଳୟରେ ପହଞ୍ଚିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ଅଭିଭାବିକା ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଦେଶାତ୍ମବୋଧକ ସଙ୍ଗୀତ, କୁଇଜ୍, ପ୍ରବନ୍ଧ ଲିଖନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରଶଂସାପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯିବ ବୋଲି ପ୍ରଧାନାଚାର୍ଯ୍ୟ ଅନିଲ କୁମାର ଦେହୁରୀ ସୂଚନା ଦେଇଛନ୍ତି। ସେହିପରି କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ ସାଇଟ୍ ବଜାରରେ ରେଙ୍ଗାଳି ସରସ୍ୱତୀ ବିଦ୍ୟାମନ୍ଦିର ତରଫରୁ ଶନିବାର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସମସ୍ତ ଗୁରୁମାଗୁରୁଜୀ ଅଂଶଗ୍ରହଣ କରିଥିଲେ।



ତ୍ରିରଙ୍ଗା ଶୋଭାଯାତ୍ରାରେ ଛାତ୍ରୀଛାତ୍ରମାନେ ଗ୍ରାମ ପରିକ୍ରମା କରୁଛନ୍ତି।

